ଧରିତ୍ରୀ
DHARITRI
April 17-23, 2022 ₹ 2/-

# ଛୁଟିଦିନ



## ପାଣି ଅଛି ପାଣି ନାହିଁ

୩
ପ୍ରଚ୍ଛଦ ପ୍ରସଙ୍ଗ

ଗାଁ ଚାରିପାଖରେ ପାଣି । ପାଣିକୁ ନେଇ ସେମାନଙ୍କ ଜୀବନ ଜୀବିକା, ହେଲେ ବିଶୁଦ୍ଧ ପାନୀୟଜଳ ଟୋପେ ପାଇବା ପାଇଁ ସେମାନେ ଭୋଗୁଛନ୍ତି ନାହିଁ ନଥିବା ସମସ୍ୟା। ଏହି ସମସ୍ୟା ଘେରରେ ରହିଛନ୍ତି ଚିଲିକା ଅଞ୍ଚଳର ଏକାଧିକ ଗାଁ....



# ବାସ୍ତୁ ଅନୁସାରେ ପିଲାଙ୍କ ରୁମ୍

କୁହାଯାଏ, ବାସ୍ତୁ ଅନୁଯାୟୀ ପିଲାମାନଙ୍କ ରୁମ୍ ହୋଇଥିଲେ ସେମାନଙ୍କୁ ଭଲ ନିଦ ହେବା ସହ ସେମାନଙ୍କ ସ୍ମରଣ ଶକ୍ତି ପ୍ରଖର ହୋଇଥାଏ। ଏଥିସହିତ ପାଠପଢା ପାଇଁ ତାଙ୍କ ଭିତରେ ଏକାଗ୍ରତା ମଧ୍ୟ ଆସିଥାଏ। ତେବେ ବାସ୍ତୁ ଅନୁସାରେ କେମିତି ହେବା ଦରକାର ପିଲାଙ୍କ ରୁମ୍, ଆସନ୍ତୁ ଜାଣିବା ସେ ସମ୍ପର୍କରେ...



*ବାସ୍ତୁଶାସ୍ତ୍ର ଅନୁଯାୟୀ, ଛୋଟ ପିଲାଙ୍କ ବେଡ୍‌ରୁମ୍ ପଶ୍ଚିମ ଦିଗରେ କଲେ ଏହାର ଅନେକ ସୁ-ପ୍ରଭାବ ସେମାନଙ୍କ ଉପରେ ପଡିଥାଏ।

*ପିଲାଙ୍କ ବେଡ୍‌ରୁମ୍‌ରେ ଲାଗିଥିବା କବାଟ ଉତ୍ତର କିମ୍ବା ପୂର୍ବ ଦିଗରେ ରହିବା ଆବଶ୍ୟକ ଏବଂ କବାଟର ଠିକ୍ ବିପରୀତ ଦିଗରେ ଝରକା ରହିଲେ ଅତି ଉତ୍ତମ ହୋଇଥାଏ।

*କୁହାଯାଏ, ପିଲାଙ୍କ ରୁମ୍ ପାଇଁ ସବୁଠୁ ଭଲ ରଙ୍ଗ ହେଉଛି ସବୁଜ। ଏହା ସେମାନଙ୍କୁ ଶାନ୍ତି ପ୍ରଦାନ କରିବା ସହ ମନରେ ସକାରାତ୍ମକ ଭାବନା ଆଣିଥାଏ।

*ପିଲାଙ୍କ ବେଡ୍‌ରୁମ୍‌ର ଦକ୍ଷିଣ ପାର୍ଶ୍ୱରେ ସେମାନଙ୍କ ବେଡ୍ ପକାଇବା ଦରକାର। ଆଉ ଏହି ବେଡ୍‌କୁ କାନ୍ଥରେ ପୁରା ନଲଗାଇ କାନ୍ଥରୁ ଟିକେ ଛାଡିକି ରଖିଲେ ଏହାର ଅନେକ ଭଲ ପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡିଥାଏ।

*ସେହିପରି କୁହାଯାଏ, ଶୋଇବା ସମୟରେ ପିଲାମାନଙ୍କ ମୁଣ୍ଡ ପୂର୍ବ ଦିଗକୁ ରହିଲେ ସେମାନଙ୍କର କୁଆଡ଼େ ସ୍ମରଣ ଶକ୍ତି ବଢିଥାଏ।

*ପିଲାଙ୍କ ବେଡ୍‌ରୁମ୍‌ରେ ଥିବା ଷ୍ଟଡି ଟେବୁଲ୍‌କୁ ଏପରି ରଖିବା ଦରକାର, ଯେମିତିକି ସେଥିରେ ବସି ପଢିବା ସମୟରେ ସେମାନଙ୍କ ମୁହଁ ଉତ୍ତର କିମ୍ବା ପୂର୍ବ ଦିଗ ଅଥବା ଉତ୍ତର-ପୂର୍ବ ଦିଗ ଆଡ଼କୁ ରହୁଥିବ। କୁହାଯାଏ, ଏପରି କଲେ ପିଲାଙ୍କ ଭିତରେ ପଢିବା ପାଇଁ ଏକାଗ୍ରତା ବଢିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୧୭-୨୩

**ମେଷ**: ସ୍ୱାସ୍ଥ୍ୟ ସମସ୍ୟାର ନିୟନ୍ତ୍ରଣ। ସଭାସମିତିରେ ପ୍ରଶଂସା। ପାରିବାରିକ କ୍ଷେତ୍ରରୁ ଶାନ୍ତି। ପରିବହନରେ ଝଗଡା । ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା। ସମ୍ପର୍କୀୟମାନଙ୍କ ସମର୍ଥନ। ନୂତନ ଯୋଜନାର ପରିକଳ୍ପନା।

**ବୃଷ**: ଦୂରଦର୍ଶିତାର ସୁଫଳ, ଯୁକ୍ତି ଯୁକ୍ତ କଥାରୁ ପ୍ରଶଂସା, ମାଙ୍ଗଳିକ କାମର ପ୍ରସ୍ତୁତି, ଘର ସାଜସଜ୍ଜା। ବନ୍ଧୁଙ୍କ ସାହାଯ୍ୟ ସହଯୋଗ, ପ୍ରତିଯୋଗୀତାରେ ସଫଳତା, ସମୟାନୁବର୍ତ୍ତିତାର ସାର୍ଥକତା, ସ୍ୱଜନ ଶତ୍ରୁତାର ଦୁଃଶ୍ଚିନ୍ତା।

**ମିଥୁନ**: ସମସ୍ୟା ଲାଗି ରହିବ, କର୍ମଜାଳ ବୃଦ୍ଧି ପାଇବ, ଅନିଦ୍ରା ଜନିତ ସ୍ୱାସ୍ଥ୍ୟହାନୀ, ଆର୍ଥିକ ସ୍ଥିତି ବଦଳିବ, ଋଣ ପରିଶୋଧ କରିବେ। ରାଜନୈତିକ ସ୍ଥିତିରେ ଅନୁକୂଳତା, ଗୃହଭୂମି ସମ୍ପର୍କୀୟ ଦୁଃଶ୍ଚିନ୍ତା, ପାରିବାରିକ ସହମତି ମିଳିବ।

**କର୍କଟ**: ଅସୁସ୍ଥତା ଅନୁଭବ କରିବେ, କାମ ସ୍ଥଗିତ ରହିଯିବ, ବନ୍ଧୁଙ୍କ ସହଯୋଗ ପାଇବେ, ଯୋଜନା ବଦଳାଇ ପାରନ୍ତି। ଅର୍ଥ ସମସ୍ୟା ଦୂରହେବ, ଯାନବାହନରେ ତ୍ରୁଟିରୁ ସମସ୍ୟା, ନିର୍ମାଣ କାମ ଅଟକିପାରେ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି।

**ସିଂହ**: ଧନ ସମ୍ମାନ ପାଇବେ, ନୂଆ ଯୋଜନା କରିବେ, ପରିବାରରେ ମତାନ୍ତର ଉପୁଜିବ, କର୍ମକ୍ଷେତ୍ରରେ ବିତର୍କ। ମାଲି ମକଦ୍ଦମାରେ ବିଜୟ, ବେହିସାବୀ ଖର୍ଚ୍ଚରୁ ମନସ୍ତାପ, ସରଳ ବିଶ୍ୱାସରୁ ସମସ୍ୟା, ଭ୍ରମଣ ସୁଯୋଗ ପାଇବେ, ଶୁଭଖବର ମିଳିବ।

**କନ୍ୟା**: ମାନସିକ ଦ୍ୱନ୍ଦ୍ୱ ଲାଗିରହିବ, ସଠିକ୍ ନିଷ୍ପତି ନେଇ ପାରିବେନି, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରା ବିଳମ୍ବ। ଦୁଃସାହାସିକ ପଦକ୍ଷେପ ନେବେ, ସ୍ୱର୍ଣ୍ଣାଳଙ୍କାର କ୍ରୟ କରିପାରନ୍ତି, ସାମ୍ବାଦିକତାରୁ ସମ୍ମାନ, ନୂତନ ସମ୍ପର୍କ ସୃଷ୍ଟି।

**ତୁଳା**: ଆରୋଗ୍ୟଲାଭରୁ ଆଶ୍ୱସ୍ତି, ବୈଷୟିକ ଅଭିବୃଦ୍ଧି ହେବ, ପଡୋଶୀଙ୍କ ସହୃଦୟତା ମିଳିବ, ଫଳପ୍ରଦ ଆଲୋଚନା କରିବେ, ପ୍ରକାଶନରେ ବିଳମ୍ବ। ସାଂସ୍କୃତିକ ଅନୁଷ୍ଠାନରେ ସହଯୋଗ, ଦୂରଯାତ୍ରାର ପ୍ରସ୍ତୁତି।

**ବିଛା**: ଦୁର୍ଭାବନାରୁ ଅଶାନ୍ତି, ମନ ବିଚଳିତ ରହିବ, ପ୍ରଶାସନିକ ସହାୟତା ପ୍ରାପ୍ତି, ରାଜନୈତିକ ସମ୍ମାନ ମିଳିବ, ଯାତ୍ରାରେ ଲକ୍ଷ୍ୟପୂରଣ ହୋଇପାରେ, କଚେରୀ ମାମଲାରେ ବାଇଦା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ।

**ଧନୁ**: ସମସ୍ୟା ସମାଧାନ କରିବେ, ଖର୍ଚ୍ଚ ପରିମାଣ ବଢିଯିବ, ମାନସିକ ସ୍ଥିତି ବିଗିଡିପାରେ, ପରିସ୍ଥିତି ବଦଳିବ, ବନ୍ଧୁଙ୍କ ଭୁଲ୍ ବୁଝାମଣା, ପାରିବାରିକ ଦ୍ୱନ୍ଦ୍ୱର ଅବସାନ। ବୈବାହିକ ସମ୍ବନ୍ଧ ଯୋଡିବେ, ଯାତ୍ରା ସ୍ଥଗିତ ରହିଯାଇପାରେ।

**ମକର**: ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ବଦାନ୍ୟତା, ଶୁଭଖବର ପାଇବେ, ବନ୍ଧୁଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ବିବାଦରେ ପଶନ୍ତୁନି। ସମ୍ପର୍କରେ ଫାଟ ସୃଷ୍ଟି ହେବ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ଆର୍ଥିକ ସ୍ଥିତି ମନ୍ଦ ହେବନି, ପାରିବାରିକ ଶାନ୍ତି ମିଳିବ।

**କୁମ୍ଭ**: କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ସଭାସମିତିକୁ ନିମନ୍ତ୍ରଣ, ନିକଟ ସମ୍ପର୍କୀୟଙ୍କ ସହାନୁଭୂତି, ନୂତନ ଯୋଜନାରମ୍ଭ। ପାରିବାରିକ ସହମତି ମିଳିବ, ଅପଦସ୍ତ ହୋଇପାରନ୍ତି, ଅନ୍ୟମନସ୍କତାରୁ ସମସ୍ୟା, ଆଣ୍ଠୁଗଣ୍ଠିରେ ପୀଡ଼ା।

**ମୀନ**: କର୍ମକ୍ଷେତ୍ରରେ ବିବାଦ ବୃଦ୍ଧି, ଶାରୀରିକ ଅସୁସ୍ଥତାରୁ କାର୍ଯ୍ୟହାନୀ, ବନ୍ଧୁଙ୍କ ଅଯାଚିତ ସହାୟତା, ଅପ୍ରିୟସତ୍ୟ ଭାଷଣରୁ କଳହ, ବିଦେଶ ଯାତ୍ରାରେ ସଫଳତା, ବୈଷୟିକ ଅଭିବୃଦ୍ଧି, ମାଙ୍ଗଳିକ କାର୍ଯ୍ୟାରମ୍ଭ, ଲେଖାପଢାରେ କୁଶଳତା।

# କେମିତି ଦୂର କରିବେ ଝାଳର ଦୁର୍ଗନ୍ଧ

ଖରାଦିନେ ଅନେକଙ୍କର ଝାଳ ବୋହିଥାଏ। ବେଳେବେଳେ ଏହି ଝାଳ ଖୁବ୍ ଦୁର୍ଗନ୍ଧ ମଧ୍ୟ ହୁଏ; ଯଦ୍ୱାରା ଅପ୍ରୀତିକର ପରିସ୍ଥିତି ଉପୁଜିଥାଏ। ବିଶେଷଜ୍ଞଙ୍କ ମତରେ, ଶରୀରରୁ ଝାଳ ବୋହିବା ପଛରେ ମଧ୍ୟ ଅନେକ କାରଣ ରହିଥାଏ। ପ୍ରଥମତଃ, ଯଦି କୌଣସି ବ୍ୟକ୍ତି ଅତ୍ୟଧିକ ଶାରୀରିକ ପରିଶ୍ରମ କରିଥାନ୍ତି, ତା'ହେଲେ ତାଙ୍କ ଦେହରୁ ଝାଳ ବୋହିଥାଏ। ଦ୍ୱିତୀୟରେ ମୋଟାପାର ଶିକାର ହୋଇଥିଲେ ବି ଶରୀରରୁ ଝାଳ ବୁହେ। ସେହିପରି ଅଧିକ ତେଲ, ମସଲାଯୁକ୍ତ କିମ୍ବା ରାଗ ଖାଦ୍ୟ ଖାଇବାକୁ ଭଲ ପାଉଥିବା କିଛି ଲୋକଙ୍କଠାରେ ମଧ୍ୟ ଝାଳ ବୋହିବା ସମସ୍ୟା ଦେଖାଯାଇଥାଏ। ହର୍‌ମୋନ୍ ଇମ୍‌ବାଲାନ୍ସ ହେବା ବି ଝାଳ ବୋହିବାର ଆଉ ଏକ କାରଣ ହୋଇଥାଏ। ସେହିପରି ବଂଶାନୁଗତ ଭାବେ ବି ଏହି ସମସ୍ୟା ଦେଖାଯାଇଥାଏ ବୋଲି ଅନେକ ମତ ଦେଇଥାନ୍ତି। ତେବେ ଏଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ କିଛିଟା ସହଜ ଉପଚାର ମଧ୍ୟ ରହିଛି। ଯେମିତିକି: ପ୍ରତିଦିନ ପରିଷ୍କାର ହୋଇ ଗାଧୋଇବା ସହ ଭଲ ବ୍ରାଣ୍ଡର ବଡି ସ୍ପ୍ରେ ବ୍ୟବହାର କରିବା, ଡାଏଟ୍‌ରେ



ଅଧିକ ମାତ୍ରାରେ ସତେଜ ପନିପରିବା ଏବଂ ଫଳମୂଳ ଖାଇବା, ପାଦକୁ ପରିଷ୍କାର ରଖିବା ସହ ପ୍ରତିଦିନ ପାଦରେ ପିନ୍ଧୁଥିବା ସକ୍ସକୁ ସଫା କରିବା, ତେଲ, ମସଲାଯୁକ୍ତ ତଥା ରାଗ ଖାଦ୍ୟ ଯେତେ ସମ୍ଭବ କମ୍ ଖାଇବା, ଖରାଦିନେ ଢିଲା କଟନ୍ ପୋଷାକ ପିନ୍ଧିବା ସହ ପ୍ରଚୁର ପରିମାଣରେ ପାଣି, ଫ୍ରୁଟ୍ ଜୁସ୍ ଆଦି ପିଇବା ଦରକାର।

# ପାଠକୀୟ

* ଏବେ ଆଉ କେବଳ ସହରୀ ଲୋକଙ୍କ ଅବସର କାଟିବାର ମାଧ୍ୟମ ହୋଇନାହିଁ ପାର୍କ। କାରଣ ଏବେ ଅନେକ ଗାଁରେ ବି ତିଆରି ହେଲାଣି ସହରୀ ପାର୍କ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସହରୀ ପାର୍କ ଏବେ ଗାଁରେ' ଏକ ନିଆରା ଆଲେଖ୍ୟ ଥିଲା। 'ସ୍ୱାସ୍ଥ୍ୟପ୍ରଦ ଅଙ୍କୁର' ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଜାଣି ଖୁସି ଲାଗିଲା।

*-ଭବାନୀ ସ୍ୱାଇଁ, ଟିଟିଲାଗଡ଼, ବଲାଙ୍ଗୀର*

*ବର୍ତ୍ତମାନ କେତେକ ଗାଁରେ ବି ସହର ଭଳି ପାର୍କ ଥିବାର ଦେଖିବାକୁ ମିଳୁଛି। ଏହି ପାର୍କ ଗୁଡ଼ିକରେ ଥିବା ବିଭିନ୍ନ ଜୀବଜନ୍ତୁଙ୍କ କଳାକୃତି ସହ ପିଲାଙ୍କ ଖେଳନା, ରଙ୍ଗବେରଙ୍ଗର ଫୁଲ ଫଳ ଗଛକୁ ଦେଖିଲେ ଯେ କେହି ଘଡିଏ ଅଟକି ଯିବେ। ତେଣୁ ସେମିତି କେତୋଟି ସୁନ୍ଦର ଗ୍ରାମୀଣ ଉଦ୍ୟାନ ସମ୍ପର୍କରେ ଏଥରର ପ୍ରଚ୍ଛଦ ପ୍ରସଙ୍ଗରୁ ପଢି ଅନେକ ନୂଆ କଥା ଶିଖିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଦୂରଦୃଷ୍ଟି' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

*-ସ୍ୱପ୍ନାମୟୀ ବରାଳ, ମାର୍କୋଣା, ବାଲେଶ୍ୱର*

*ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରେ ସ୍ଥାନିତ 'ଫ୍ଲୋରାଲ୍ ଫ୍ୟାଶନ' ନାମକ ଲେଖାଟି ଅତି ଚମତ୍କାର ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବାଲୁକା କଳାର ଯାଦୁକର ସୁବଳ ମହାରଣାଙ୍କ ସଂଘର୍ଷପୂର୍ଣ୍ଣ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଇମୋଶନାଲ ଶ୍ରୀନିଧି', 'ଡବଲ ରୋଲ୍‌ରେ ଅର୍ଶଦ', 'ବୁଦ୍ଧିମତୀ ଦିପୀକା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା।

*-ସଂଯୁକ୍ତା ଦାଶ, ଶାସ୍ତ୍ରୀନଗର, ଭୁବନେଶ୍ୱର*

*ନବରଙ୍ଗପୁର ଡିଏସ୍‌ପି ତଥା ପ୍ରାବନ୍ଧିକ ଓ ସମାଲୋଚକ ଚନ୍ଦ୍ରଶେଖର ହୋତାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମନକୁ ବେଶ୍ ଛୁଇଁଗଲା। ସାଥୀ ଉତ୍ତରଗୁଡ଼ିକ ବି ଖୁବ୍ ରୋମାଣ୍ଟିକ୍ ହୋଇଥିଲା। 'ଅଜବ ବସ୍' ପାଠଟିରୁ କେତେଗୁଡ଼ିକ ନିଆରା ଡିଜାଇନ୍‌ର ବସ୍ ସମ୍ପର୍କରେ ଜାଣିହେଲା। ମଡେଲ୍ ମିରର୍‌ରେ ତିତିକ୍ଷା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଭାରୀ ମଜାଦାର୍ ଥିଲା।

*-ଜ୍ୟୋତିରଞ୍ଜନ ମହାନ୍ତି, ପାରାଦ୍ୱୀପ, ଜଗତ୍‌ସିଂହପୁର*

*ସହରଠୁ ଦୂର ପୃଷ୍ଠାରୁ 'ସରିସ୍କା ବ୍ୟାଘ୍ର ଅଭୟାରଣ୍ୟ' ସମ୍ପର୍କରେ କେତେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ରୋବୋ ଛେଳି, ଝାଡୁ ଡାମ୍ବ, ବିଲେଇ ପାଇଁ ସ୍ଲିପର୍ସ, ୬୧୦ କି.ଗ୍ରାରୁ ୬୩ କି.ଗ୍ରା ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି ଏଥରର ବ୍ୟଙ୍ଗ 'ବିକାଶର ଜୟଯାତ୍ରା' ନାମକ ପାଠଟି ପଢିବାକୁ ଅତି ଚମତ୍କାର ଲାଗୁଥିଲା।

*-ସ୍ୱୟଂ ପ୍ରଧାନ, ରାଣୀହାଟ, କଟକ*

## ବିଶେଷ ଚିଠି



ପ୍ରକୃତିର ସୌନ୍ଦର୍ଯ୍ୟ ତୋଳିବାରେ
ସହରୀ ପାର୍କ ଏବେ ଗାଁରେ।
କବିତାରେ ପୃଷ୍ଠା ସୃଜନ
ବାର୍ତ୍ତା ଥିଲା ଆହୁରି ଅନନ୍ୟ।
ବାଲୁକା କଳାର ଯାଦୁକର
ଉତ୍ସ ତମେ ପ୍ରେରଣାର।
ସାଥୀଙ୍କ ପ୍ରେମଭରା ଆଳାପ
କାର୍ଟୁନ କର୍ନରରେ ହସ ଥିଲା ଅଳପ।
ଲାଇଫ୍ ଷ୍ଟାଇଲ୍ ଫ୍ଲୋରାଲ୍ ଫ୍ୟାଶନ
ତିତିକ୍ଷାଙ୍କ ଫଟୋରେ ଥିଲା ଜାନ୍।
ଆଶ୍ଚର୍ଯ୍ୟ ଦେଖି ହେଲି ବ୍ୟାକ୍‌ପେଜ୍
ଆସ ଏଭଳି ସପ୍ତାହକୁ ରୋଜ୍।

*-ସୁନିଲ କୁମାର ବେହେରା,*
*ମଦାରୀ, ବାସୁଦେବପୁର, ଭଦ୍ରକ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ପାଣି ଅଛି ପାଣି ନାହିଁ



ପ୍ରକୃତିର ଅମୂଲ୍ୟ ସମ୍ପଦ ଜଳ। କିନ୍ତୁ ଦିନକୁଦିନ କମି କମି ଚାଲିଛି ଭୂ-ତଳ ଜଳସ୍ତର। ବଢ଼ି ବଢ଼ି ଚାଲିଛି ପାନୀୟ ଜଳର ସଙ୍କଟ। ହେଲେ ମେଣ୍ଟିପାରୁନି ଚାହିଦା। ଅନେକ ସ୍ଥାନରେ ପାଣି ପାଇଁ ଲାଗୁଛି ଲମ୍ବା ଲାଇନ। ଯିବାକୁ ପଡୁଛି ମାଇଲ ମାଇଲ ଦୂର, ଯାହା ସୂଚାଇ ଦେଉଛି ଆଗାମୀ ଦିନରେ ଜଳର ଉତ୍କଟ ସମସ୍ୟା କେଉଁଭଳି ରହିବ? ତେବେ ଏମିତି ଏକ ଅଞ୍ଚଳ ଅଛି, ଯେଉଁଠି ଅଧିବାସୀମାନେ ଘରୁ ବାହାରକୁ ବାହାରିଲେ ପାଦ ଥାପିବାକୁ ପଡ଼େ ପାଣିରେ। ହେଲେ ଦିନେ, ମାସେ କିମ୍ବା ବର୍ଷେ ନୁହେଁ, ବରଂ ବର୍ଷ ବର୍ଷ ଧରି ଏଠାରେ ଲାଗି ରହିଛି ପାନୀୟଜଳ ସମସ୍ୟା। ସତେ ଯେମିତି ପାଣି ଥିଲେ ବି ପାଣି ମିଳୁନି! କାରଣ ଏଠାକାର ଅନେକ ସ୍ଥାନର ଭୂ-ତଳ ଜଳରେ ଭରି ରହିଛି ମାତ୍ରାଧିକ ଲୁଣିଭାଗ ତ ପୁଣି କେଉଁଠି କ୍ଷାରୀୟ ଆଉ କେଉଁଠି ଲୁହାଳିଆ ତ ପୁଣି କେଉଁ ସ୍ଥାନରୁ ବାହାରୁଛି ପଙ୍କମିଶ୍ରିତ ଜଳ। ତଥାପି ପୁରୁଷ ପୁରୁଷ ଧରି ଏପରି ଜଳକୁ ବ୍ୟବହାର କରିଆସୁଛନ୍ତି ଲୋକମାନେ। ବିଭିନ୍ନ ଦୁଃସାଧ ରୋଗରେ ପୀଡ଼ିତ ହୋଇ ନାନା ପ୍ରକାର ରୋଗ ଯନ୍ତ୍ରଣାର ପରିସ୍ଥିତିକୁ ସାମ୍ନା କରିବା ସେମାନଙ୍କର ଯେମିତି ଦେହସୁହା ହୋଇଗଲାଣି। କିନ୍ତୁ ବିଶୁଦ୍ଧ ପାନୀୟ ଜଳର ମୌଳିକ ଆବଶ୍ୟକତା ଏଯାଏ ମେଣ୍ଟୁନି। ସମସ୍ତଙ୍କୁ ମିଳିପାରୁନି ମଧୁରଜଳ, ସୁଧୁରିପାରୁନି ସମସ୍ୟା। କହିବାକୁ ଗଲେ ଏଠାରେ ପାଣି ଅଛି, ପାଣି ନାହିଁ! ଏହି ଅଞ୍ଚଳ ହେଲା ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚିଲିକା-ସମୁଦ୍ର ଉପକୂଳବର୍ତ୍ତୀ ଏବଂ ଚିଲିକା ଭିତରେ ରହିଥିବା ଏକାଧିକ ଗାଁ। ଏଠାରେ ବାସିନ୍ଦାଙ୍କ ଜୀବନଧାରଣ ପାଇଁ ବିଶୁଦ୍ଧ ପାନୀୟଜଳ ମିଳିବା ସାତସପନ। ପାନୀୟ ଜଳାଭାବ ଯୋଗୁ ସବୁବେଳେ ଏଠାକାର ଅଧିକାଂଶ ଗାଁର ଲୋକେ ଭୋଗିଥାନ୍ତି ନାହିଁ ନ ଥିବା ସମସ୍ୟା।

ଏପ୍ରିଲ ମାସ ମହାବିଷୁବ ସଂକ୍ରାନ୍ତି ଗୁରୁବାର ସକାଳୁ ସକାଳୁ ପହଞ୍ଚି ସାରିଥିଲୁ ଚିଲିକା ପାରିକୁଦ ଅଞ୍ଚଳରେ। ସମୟ ପ୍ରାୟ ୬ଟା ହେବ। ପ୍ରଥମେ ବଜ୍ରକୋଟ ଗ୍ରାମପଞ୍ଚାୟତର ଚିଲିକା କନ୍ଦାଖାଇ କଲେଜ ରାସ୍ତା ଦେଇ ପହଞ୍ଚିଥିଲୁ ତାଳତୋଳା ଗ୍ରାମରେ। ଏଠାରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ତରଫରୁ ଗୋଟିଏ ପାଣିଟାଙ୍କି ନିର୍ମାଣ କରାଯାଇଛି। ଗାଁର ସଭାପତି ସୀମାଞ୍ଚଳ ଜେନା କୁହନ୍ତି- "ଗାଁସାରା ପାଇପ୍ ବିଛା ହୋଇଛି, ହେଲେ କେତେକ ଟ୍ୟାପକୁ ଆଦୌ ପାଣି ଆସୁ ନ ଥିବାବେଳେ ଅନ୍ୟ କେତୋଟି ଟ୍ୟାପକୁ ଧୀରେ ଧୀରେ ପାଣି ଆସୁଛି। ଲୋକମାନେ ନଳକୂପରୁ ଲୌହ ଗନ୍ଧଯୁକ୍ତ ପାଣିକୁ ବ୍ୟବହାର କରୁଥିବାବେଳେ ଘରୋଇ ଭାବେ ବୋରିଂ କରି ପାଣି ଉତ୍ସ କରିଥିବା ପାଣିଫ୍ୟାକ୍ଟ୍ରିରୁ ଦୈନିକ ଆବଶ୍ୟକ ପରିମାଣର ପାଣି କିଣି ବ୍ୟବହାର କରିଥାଉ।" ସେଠାରୁ ମାଲୁଦ ଦେଇ ପ୍ରାୟ ୭ କି.ମି. ଦୂର ଶ୍ରୀରାମପୁର

**ଗାଁ ଚାରିପାଖରେ ପାଣି । ପାଣିକୁ ନେଇ ସେମାନଙ୍କ ଜୀବନ ଜୀବିକା, ହେଲେ ବିଶୁଦ୍ଧ ପାନୀୟଜଳ ଟୋପେ ପାଇବା ପାଇଁ ସେମାନେ ଭୋଗୁଛନ୍ତି ନାହିଁ ନଥିବା ସମସ୍ୟା। ଏହି ସମସ୍ୟା ଘେରରେ ରହିଛନ୍ତି ଚିଲିକା ଅଞ୍ଚଳର ଏକାଧିକ ଗାଁ....**

ଗାଁ ଭିତରକୁ ପ୍ରବେଶ କରିବାରେ ଦେଖିଲୁ ଗୋଟିଏ ପାଣିପାଇପ ଟ୍ୟାପ ପାଖରେ ଘେରି ରହିଥା'ନ୍ତି କେତେଜଣ ମହିଳା ଓ ବୟସ୍କ ପୁରୁଷ ଏବଂ ଛୋଟ ଛୋଟ ପିଲା। ପାଣିଯୋଗାଣ ପାଇଁ ପାଇପ୍ ବିଛାଯାଇଛି, ହେଲେ ପାଣି ଆସୁନାହିଁ। ଲୋକମାନେ ପୋଖରୀ ଏବଂ ନଳକୂପର ଲୁଣିପାଣିକୁ ବ୍ୟବହାର କରୁଛନ୍ତି । ଏହି ଗ୍ରାମର ରଶ୍ମିତା ଟହଲ, ଶ୍ରୀମତୀ ଟହଲ ଏବଂ ପ୍ରଭାତୀ ବେହେରା ଏକପ୍ରକାର କଥା ଶୁଣାଇଥିଲେ- "ଆମ ଗ୍ରାମରେ ପାଇପ୍ ବିଛାଯାଇଛି, ମାତ୍ର ପାଣି ଆସୁନାହିଁ। ନିକଟ ନଳକୂପରୁ ୧୦ରୁ ୧୫ ଜଣ ଲୋକ ପାଣି ନେଇସାରିବା ପରେ ସେଥିରୁ ଲୁଣିପାଣି ବାହାରୁଛି। ବାଧ୍ୟ ହୋଇ ପୋଖରୀରୁ ପାଣି ଆଣୁଛୁ । ମାତ୍ର ଏହି ଗାଁଠାରୁ ପ୍ରାୟ ଅଳ୍ପ ଦୂରରେ ରହିଥିବା ପାଣି ଟିକେ ଭଲ ବୋଲି ସେମାନେ ସୂଚାଇଥିଲେ।" କିଛି ସମୟ ପରେ ବଡ଼ଅଁଳ ଗ୍ରାମ ପଞ୍ଚାୟତ ଓ ଖଟିଆକୁଦି ଗ୍ରାମକୁ ଯାଇଥିଲୁ। ଘୋର ପାନୀୟ ଜଳର ସମସ୍ୟା ରହିଥିବା ଗ୍ରାମବାସୀଙ୍କଠାରୁ ଶୁଣିଲୁ। କୃଷ୍ଣପ୍ରସାଦ ଅଭିମୁଖେ ଯିବାବେଳେ ହରିପୁର ଗ୍ରାମଠାରେ ଟିକେ ଅଟକିଗଲୁ। ଏଠାରେ ମହିଳାମାନେ ଏକ ନଳକୂପ ନିକଟରେ ଲୁଗା ସଫା କରୁଥିଲେ। ସ୍ୱପ୍ନାରାଣୀ ବେହେରା କୁହନ୍ତି – "ଆମ ହରିପୁର ଗ୍ରାମରେ ପୋଖରୀଟିଏ ନାହିଁ। ଆମେ ଏହି ନଳକୂପ ପାଖରେ ଲୁଗାସଫା, ଗାଧୁଆ, ପିଇବା ପାଇଁ ଏଥିରୁ ପାଣି ନେଇଥାଉ। ପାଣି ଅଳ୍ପ ଖାରିଆ ଲାଗୁଛି। ଏହି ପାଣିକୁ ବ୍ୟବହାର କରୁଛୁ।" ରାସ୍ତାରେ ଯାଉଥିବାବେଳେ ଆମର ନଜର ପଡ଼ିଲା ରାସ୍ତାର ଏକ କଡ଼ରେ ଗଦାହୋଇ ରହିଥିବା ପାଇପ୍ ଉପରେ। ସ୍ଥାନୀୟ ଲୋକଙ୍କଠାରୁ ଜାଣିବାକୁ ପାଇଲୁ ଏହି ଅଞ୍ଚଳରେ ମଧୁର ପାଣି ବଣ୍ଟନ ଉଦ୍ଦେଶ୍ୟରେ ପାଇପ୍ ଲଗାଯିବା ପାଇଁ ମହଜୁଦ ରଖାଯାଇଛି। କୃଷ୍ଣପ୍ରସାଦର ଇପିଙ୍ଗ- ବାଉରିପଲୀ ଗାଁରେ ପହଞ୍ଚି ଦେଖିଲୁ ପାଇପ୍‌ରେ ଗୋଳିଆ ପାଣି ଆସୁଛି। ତେଣୁ ଅଧିକାଂଶ ଲୋକ ନିକଟ ପୋଖରୀର ପାଣିକୁ ବ୍ୟବହାର କରିଥା'ନ୍ତି। ପୋଖରୀରେ ମଇଁଷି, ଗାଈ, ବଳଦ ଏବଂ ଲୋକମାନେ ଗାଧେଇବା ସହ ଏଠାର ପାଣିକୁ ଅନେକ ପିଇବାରେ ବ୍ୟବହାର କରୁଥିବା କୁହନ୍ତି ମାଳତୀ ପାହାଣ, କୁମୁନା ପାହାଣ, ସନାତନ ପାହାଣ । କିନ୍ତୁ ଶୁଭେନ୍ଦୁ କୁମାର ମାନସିଂହ କୁହନ୍ତି, କୃଷ୍ଣପ୍ରସାଦ ଗ୍ରାମପଞ୍ଚାୟତ ଅଧୀନ ସାନଅଁଳ ଗାଁରେ ପାନୀୟଜଳ ପାଇଁ ପ୍ରାୟ ୩ ହଜାର ଲୋକ ଗାଁରେ ଥିବା ପ୍ରାୟ ୩ଟି ଟ୍ୟୁବ୍‌ୱେଲ ଉପରେ ନିର୍ଭରଶୀଳ, ମାତ୍ର ସେଥିରେ ଖାରିଆପାଣି ବାହାରୁଛି। ପାଇକସାହିଠାରେ ପାନୀୟଜଳ ପାଇଁ ବୋରିଂ ପାଣି ଉତ୍ସର ପାଣିକୁ ଲୋକଙ୍କୁ ବଣ୍ଟାଯାଉଛି। ସେଥିରୁ କେତେବେଳେ ଲୁଣିଆ ତ ପୁଣି କେତେବେଳେ ଖାରିଆପାଣି ଆସୁଛି। ତାହାପୁଣି ଯଥେଷ୍ଟ →











ନୁହେଁ। ଜଣେ ଜଣେ ବ୍ୟକ୍ତିଙ୍କୁ ୨ ଗରା ଲେଖାଏଁ ପାଣି ଆଣିବାକୁ ଲାଇନ୍‌ରେ ପ୍ରାୟ ଘଣ୍ଟେ ଦୁଇଘଣ୍ଟା ଅପେକ୍ଷା କରି ରହିବାକୁ ପଡ଼ିଥାଏ। ଯଦି ବିଦ୍ୟୁତ୍ କଟିଗଲା ହୁଏତ ପାଣି ମିଳିବା ବନ୍ଦ ରହିଥାଏ। ବାଧ୍ୟ ହୋଇ ନିକଟସ୍ଥ ଫାଣ୍ଡି ପୋଖରୀରୁ ପାଣି ଆଣିଥାଉ। ଅନ୍ୟପକ୍ଷେ ଗାଁର ଅଧିକାଂଶ ଲୋକ ପ୍ରତିଦିନ ଫିଲ୍‌ଟର ପାଣିକୁ କିଣିକି ବ୍ୟବହାର କରିଥା'ନ୍ତି। ଶୁଣୁଛୁ ପାଇପ୍ ଯୋଗେ ଆମ ଗାଁକୁ ଋଷିକୂଲ୍ୟା ନଦୀରୁ ମଧୁର ଜଳ ଆସିବ। ପ୍ରାୟ ୪ବର୍ଷ ବିତିଗଲାଣି, ହେଲେ ଏଯାଏ ତାହା ସରିପାରି ନାହିଁ। କେବଳ ଗାଁଗଣ୍ଡାରେ ପ୍ଲାଷ୍ଟିକ ପାଇପ୍‌ଗୁଡ଼ିକ ଏଣେତେଣେ ବିଛେଇ ହୋଇ ପଡ଼ିରହିଛି। କିନ୍ତୁ ଅଲଣ୍ଡା ଓ ପାଟଣା ଗାଁକୁ ଯାଇ ବୁଝିଲୁ ଏଠାରେ ବି ପାଇପ୍‌ରୁ ବାହାରୁଛି ଖାରିଆ ଆଉ ପଙ୍କ ମିଶ୍ରିତ ଜଳ। ଅଲଣ୍ଡା ପାଟଣା ଗ୍ରାମପଞ୍ଚାୟତ ତିଛିଣ ଗ୍ରାମର ପବନା ବାରିକ କୁହନ୍ତି, ଆମେ ବାପ ଜେଜେ ଅମଳରୁ ଗାଁର ପୋଖରୀ ପାଣିକୁ ବ୍ୟବହାର କରିଆସୁଥିଲୁ। ମାତ୍ର ଅଳ୍ପ କେତେବର୍ଷ ଧରି ଗାଁରେ ୩ଟି ଟ୍ୟୁବ୍‌ୱେଲରୁ ପ୍ରାୟ୧୪ଶହ ଲୋକଙ୍କ ପାଇଁ ପାଣି ମିଳୁଛି। ଗାଁର ଦକ୍ଷିଣପଟେ ଥିବା ସ୍କୁଲ ନିକଟରେ ଏକ ବୋରିଂ କରାଯାଇଛି, ସେଥିରୁ ବାହାରୁଥିବା ପାଣିକୁ ବଣ୍ଟାଯାଉଛି। ଏଠାରୁ ମିଳୁଥିବା ପାଣି ଅଳ୍ପ ପଙ୍କୁଆ ତ ଟିକେ ଲୁଣିଆ ରହୁଛି। ଆବଶ୍ୟକ ପରିମାଣର ପାଣିକୁ ଗାଁଡିଆଁ ପୋଖରୀ ଓ ତ୍ରିଲୋଚନ ଦେବଙ୍କ ମନ୍ଦିର ପୋଖରୀରୁ ଆଣିଥାଉ। ସେହି ପାଣି ଟିକେ ମଣ୍ଡୁଆ(ଗୋଳିଆ) ରହିଥାଏ। ସିଆଣ୍ଡି ଗ୍ରାମପଞ୍ଚାୟତର ଗୋପାଳପୁରରେ ଟିକେ ଭଲ ପାଣି ମିଳୁଛି। ସେହିପରି ଅଁଳାକୁଦା ଗାଁର ସୁକାନ୍ତ ଜେନା କୁହନ୍ତି– ଆମ ଗାଁରେ ୨ଟି ନଳକୂପ ରହିଛି, ମାତ୍ର ଲୁଣିପାଣି ବାହାରୁଛି। ଆଉ ଗୋଟିଏରୁ ଅଳ୍ପ ଖାରିପାଣି ବାହାରୁଛି। ଏଠାରୁ ପ୍ରତିଦିନ ନୂଆପଡ଼ା ଯାଇ ସେଠାରୁ ମିଳୁଥିବା ପାନୀୟ ଜଳ ଆଣିଥାଉ। ଗାଁର ଅନେକ ଲୋକ ଘରପିଛା ୨୦ ଲିଟର ଲେଖାଏଁ ପିଇବା ପାଣି ଚାରିଛକରୁ କିଣିକି ଆଣିଥା'ନ୍ତି। ବଡ଼ଖାଡ଼ ଗ୍ରାମପଞ୍ଚାୟତ କୁରୁପାଳ ଗ୍ରାମର ସୁବାସ ଚନ୍ଦ୍ର ଜେନା କୁହନ୍ତି– ଗାଁରେ ଥିବା ପାଣି ଟ୍ୟାପରୁ ପ୍ରାୟ ଲୁଣା ଓ ଲୌହଗନ୍ଧ ଯୁକ୍ତ ପାଣି ବାହାରୁଛି। ବଡ଼ ପୋଖରୀ ପାଣିକୁ ଲୋକେ ବ୍ୟବହାର କରିଥା'ନ୍ତି। କେହିକେହି ଦୈନିକ ପ୍ରାୟ ୪/୫ କିମି ଦୂର ନୂଆପଡ଼ା ଓ କମଳେଶ୍ୱରଦେବଙ୍କ ପୀଠରୁ ପାଣି ଆଣିଥା'ନ୍ତି। ଚାରିଛକରେ ପହଞ୍ଚି ଦେଖିଲୁ ବହୁ କୋଟି ଟଙ୍କା ବ୍ୟୟ ବରାଦରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବଡ ପାଣିଟାଙ୍କିକୁ ତା୧୬.୧.୨୦୧୩ରିଖରେ ଶୁଭ ଉଦ୍‌ଘାଟନ କରିଥିଲେ। କିନ୍ତୁ ସେହି ପାଣିଟାଙ୍କିରୁ ଏଯାଏ ଲୋକଙ୍କ ନିକଟରେ ଜଳ ପହଞ୍ଚି ପାରିନାହିଁ। ଏନେଇ କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ କୁହନ୍ତି– ଖୁବ୍‌ଶୀଘ୍ର ତଦନ୍ତକରି ସେଥିରୁ ପାଣି ଯୋଗାଇବାର ବ୍ୟବସ୍ଥା ହେବ। ଏହାପରେ ଚାରିଛକଠାରୁ ପ୍ରାୟ ୮ କି.ମି. ଦୂରଖାରକଟା ରାସ୍ତାଦେଇ ପହଞ୍ଚିଥିଲୁ ସମୁଦ୍ର ଓ ଚିଲିକାକୁ ଲାଗି ରହିଥିବା ଖିରିସାହିରେ। ଏହି ଗାଁର କାଳୁଚରଣ ବେହେରା କୁହନ୍ତି, ଆମ ଗାଁରେ ଏଯାଏ ପାଇପ୍ ପାଣି ପହଞ୍ଚି ପାରିନାହିଁ। ଆମେ ହେଲୁ ମତ୍ସ୍ୟଜୀବୀ। ସମୁଦ୍ର ବାଲିବନ୍ଧରେ ଗାତ ଖୋଳି ମଧୁର ପାଣି ସଂଗ୍ରହ କରିଥାଉ। ଅଧିକାଂଶ ଲୋକ ନଳକୂପ ଓ ତଣ୍ଡାକଡ଼ ବାଲିବନ୍ଧକୁ ଖୋଳି ମଧୁରପାଣି ସଂଗ୍ରହ କରିଥାନ୍ତି। ମାତ୍ର ଟ୍ୟୁବ୍‌ୱେଲରୁ ଲୁଣିଆ ପାଣି ବାହାରୁଛି ସେଥିରେ ହିଁ ସବୁକାମ ଚଳେ। ପୋଖରୀରେ ଗାଧୋଉଛୁ ଏବଂ ପାଣି ମଧ୍ୟ ନେଉଛୁ। ଖିରିସାହିଠାରୁ ଚାରିଛକକୁ ଫେରି ପ୍ରାୟ ୧୫ କି.ମି. ଦୂର ଜହ୍ନିକୁଦା ଘାଟକୁ ଯାଇଥିଲୁ। ଏଠାରୁ ଏକ ଡଙ୍ଗାରେ ବରହମ୍‌ପୁର ଗ୍ରାମପଞ୍ଚାୟତକୁ ଯାଇଥିଲୁ। ବରହମ୍‌ପୁର– ମହିଷା ଗାଁ ଭିତରକୁ ଯିବା ରାସ୍ତାରେ ରହିଛି ଏକ ମଶାଣି। ତା' ନିକଟରେ ରହିଛି ଗୋଟିଏ ପୋଖରୀ, ତାପରେ ସୁଜନସାହି। ଯାହା ଜାଣିଲୁ, ସକାଳ ହେଲେ ଜାଲଡଙ୍ଗାକୁ ନେଇ ଏଠାକାର ଅଧିକାଂଶ ଲୋକଙ୍କ ଜୀବିକା ଚାଲେ। ଏହି ଗାଁରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ଅଛନ୍ତି। ଗ୍ରାମବାସୀଙ୍କଠାରୁ ଶୁଣିଲୁ ୨ଟି ପାଣିପମ୍ପ୍ ହାଉସ ନିର୍ମାଣ ହୋଇସାରିଛି। କିନ୍ତୁ ଲୋକମାନେ ନଳକୂପ ପାଣିକୁ ବ୍ୟବହାର କରୁଛନ୍ତି। ଦାମୋଦର ଜେନା କୁହନ୍ତି, ଆମ ଗାଁର ଚାରିପଟକୁ ଚିଲିକା ଓ ସମୁଦ୍ରଜଳ ଘେରିଛି। ଚାରିପଟେ ପାଣି ଆଉ ପାଣି। ଲବଣାକ୍ତ ପାଣିରେ ଜୀବନ ବିତୁଥିଲେ ମଧ୍ୟ ଏଠି ମଧୁର ଜଳ ମିଳିବ କେମିତି। ଅନ୍ୟପକ୍ଷେ ଘରୋଇଭାବେ ଅନ୍ୟ ଗାଁରେ ଥିବା ବୋରିଂଜଳ ଫ୍ୟାକ୍ଟ୍ରିରୁ ଅନେକ ପାନୀୟଜଳ କିଣି ବ୍ୟବହାର କରିଥା'ନ୍ତି। ସେହିପରି ଗାଁ ଲୋକମାନେ ଟ୍ୟୁବ୍‌ୱେଲରୁ ବାହାରୁଥିବା ମାତ୍ରାଧିକ କ୍ଷାରୀୟ ପାଣିକୁ ବ୍ୟବହାର କରିଥା'ନ୍ତି। ଏପରି ଅସୁବିଧା ଆଜିକାଲିର ନୁହେଁ, ବର୍ଷବର୍ଷର। ଏହି ଅଞ୍ଚଳର ଏକାଧିକ ଗାଁର ଅବସ୍ଥା ଏମିତି, ଯାହା ଏଠାର ପରିବେଶରୁ ବେଶ ବାରି ହୋଇପଡ଼େ। କିନ୍ତୁ ଆଧୁନିକ ଯୁଗରେ ବିଜ୍ଞାନର ଅଗ୍ରଗତି ଯୋଗୁ ବୈଜ୍ଞାନିକ ପ୍ରଣାଳୀରେ ଲୁଣିଜଳରୁ ମିଳିପାରୁଛି ମଧୁରଜଳ। ତେବେ ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ବିତିସାରିଲାଣି, କିନ୍ତୁ ଏଠାର ବାସିନ୍ଦାଙ୍କ ପାଇଁ ମିଳିପାରି ନାହିଁ ବିଶୁଦ୍ଧ ପାନୀୟ ଜଳ। କେବେ ଲୋକଙ୍କ ପାଖରେ ସୁବିଧାରେ ତାହା ପହଞ୍ଚିବ, ସମୟ କହିବ।

**– ବନବିହାରୀ ବେହେରା, କୈଳାସ ପଟ୍ଟନାୟକ**

### ପାଣି ସମସ୍ୟା ମଧ୍ୟରେ ଥିବା ଅଞ୍ଚଳ

କୃଷ୍ଣପ୍ରସାଦ ବ୍ଲକ ଅଧୀନରେ ରହିଥିବା ପ୍ରାୟ୨୧ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ଗୋପୀନାଥପୁର, ଅରଖକୁଦା, ମାଣିକା, ପିରିଜିପୁର, ଗମ୍ଭାରୀ, ସାତପଡା ଏବଂ ପଣସପଦା ଆଦି ୭ଟି ଗ୍ରାମପଞ୍ଚାୟତ ଚିଲିକାକୂଳରେ ରହିଥିଲେ ମଧ୍ୟ ନିକଟରେ ଜାତୀୟ ରାଜପଥ ଯାଇଛି। ଅନ୍ୟପକ୍ଷେ ରାମଲେଙ୍କା, ବଜ୍ରକୋଟ, ମାଲୁଦ, ବୁଦ୍ଧିବର, ସିଆଣ୍ଡି, ସିଆଳ, ବଡ଼ଅଁଳ, କୃଷ୍ଣପ୍ରସାଦ, ଅଲଣ୍ଡା, ତିତିପ, ଗୋମୁଣ୍ଡିଆ, ବଡ଼ଖାଡ଼, ନୂଆପଡ଼ା ଓ ବ୍ରହ୍ମପୁର ଆଦି ୧୪ଟି ପଞ୍ଚାୟତର ୩ ପାର୍ଶ୍ୱକୁ ଘେରିଛି ଚିଲିକା ହ୍ରଦ। ଅନ୍ୟ ଏକ ପାର୍ଶ୍ୱରେ ରହିଛି ବଙ୍ଗୋପସାଗର। ଅନ୍ୟପକ୍ଷେ ଚିଲିକା ହ୍ରଦର ଉପକୂଳବର୍ତ୍ତୀ ରମ୍ଭା, ଖଲ୍ଲିକୋଟ, ବ୍ରହ୍ମଗିରି, ଚିଲିକା, ଟାଙ୍ଗି ଓ ସତ୍ୟବାଦୀ ବ୍ଲକ ଅଧୀନ କେତେକ ଗାଁ ରହିଛି। ଯେମିତିକି ଭୁଷଣ୍ଡପୁର ମୁଣ୍ଡିଆସାହି, ମଙ୍ଗଳାସାହି, ବାଲୁଗାଁ, ଇଞ୍ଜିନପୁର, ଖାରବନ୍ଧ, ବରକୁଳ, ସୋରଣ, ବାଲିଆ, ନିମନା, ଅମରଅଳି ଆଦି ଆହୁରି କେତେକ ଗାଁରେ କେତେକ ସ୍ଥାନରୁ ମିଳୁଥିବା ପାନୀୟଜଳରେ କ୍ଷାରୀୟ ଅଂଶ ରହିଛି। ଏହାଛଡା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ପୋଖରୀ ଜଳକୁ ପାନୀୟଜଳ ଭାବେ ବ୍ୟବହୃତ କରୁଥିବା ଗ୍ରାମଗୁଡିକ ହେଲା ଖଟିଆକୁଦି, ଅଁଳାକୁଦା, ବାଉରୀପଲ୍ଲୀ, ବଡ଼ସାହି, ପାଇକସାହି, ସାନଅଁଳ, ବ୍ରାହ୍ମଣସାହି ଆଦି ଅନେକ ଗାଁ ରହିଛି। ତେବେ ଏଯାଏ ସମସ୍ତଙ୍କ ଲାଗି ମଧୁରଜଳ ମିଳିବା ସମସ୍ୟା ସୁଧାରିପାରୁନି।



# ଜୀବନସାଥୀ ଭଲ ବନ୍ଧୁ ହେବା ଜରୁରୀ



**ଶିଶୁ କଳାକାର ଭାବେ ସେ ଯେମିତି ସମସ୍ତଙ୍କ ମନ ଜିଣିଥିଲେ, ଏବେ ହିରୋଇନ୍ ଭାବେ ମଧ୍ୟ ସମସ୍ତଙ୍କ ହୃଦୟରେ ଘର କରିପାରିଛନ୍ତି। ଅଭିନୟ, ନୃତ୍ୟ ସବୁଥିରେ ସେ ନିପୁଣା। ଆଉ ସୁନ୍ଦରତା କଥା ଆସିଲେ ତ ଅନେକେ ତାଙ୍କୁ ରଚନା ବାନାର୍ଜୀଙ୍କ ସହ ତୁଳନା କରନ୍ତି। ସେ ହେଉଛନ୍ତି ଓଲିଉଡ ଇଣ୍ଡଷ୍ଟ୍ରୀର ଚୁଲବୁଲି ନାୟିକା ଶିବାନୀ ସଙ୍ଗୀତା...**

### ପେପ୍ସୀ ଆଡ୍‌ରୁ ଆରମ୍ଭ

ଥରେ ଏକ ମଲ୍‌କୁ ଯାଇଥାଏ। ସେଠି କିଛି ମଡେଲ ପେପ୍ସୀର ଏକ ଆଡ୍ ପାଇଁ ସୁଟ୍ କରୁଥିଲେ। ହେଲେ ସେମାନେ ଠିକ୍‌ରେ କରିପାରୁ ନ ଥିଲେ। ମୁଁ ସେଠି ଠିଆ ହୋଇ ଏସବୁ ଦେଖୁଥାଏ। ଏତିକିବେଳେ ମତେ ଦେଖି ଆଡ୍ ଡାଇରେକ୍ଟର ହଠାତ୍ ପଚାରିଲେ ତମେ କରିପାରିବ? ମୁଁ ହଁ ବୋଲି କହିଦେଲି। ଆଉ ସେମାନେ ମତେ ଯାହା କହିବାକୁ ଓ ଯେମିତି କରିବାକୁ କହିଲେ କରିଦେଲି। ସେତେବେଳେ ମତେ ବୟସ ମାତ୍ର ୩ ବର୍ଷ। ଏମିତିଭାବେ ଏକ ସୁଯୋଗ ମିଳିବ ବୋଲି ମୁଁ କି ଆମ ପରିବାରର କେହି ଭାବି ନ ଥିଲେ। ଏହାପରେ ପ୍ରଥମ ସିରିୟଲର ଅଫର୍ ୬ ବର୍ଷ ବୟସରେ ପାଇଥିଲି। ସିରିୟଲଟି ଥିଲା ଉତ୍ତରଦାୟୀ।

### ଶିଶୁ କଳାକାର 'ନିକି'ରୁ ହିରୋଇନ୍ 'ଶିବାନୀ'

ବଡ଼ ବଡ଼ ନିର୍ଦ୍ଦେଶକ ମତେ ଛୋଟବେଳୁ କହୁଥିଲେ ମୁଁ ବଡ଼ ହେଲେ ନିଶ୍ଚୟ ହିରୋଇନ୍ ହେବି। ହେଲେ ବୟସ ବଢ଼ିବା ସହ ମୋର ଓଜନ ବଢ଼ି ଯାଇଥିଲା। ଭାବି ନ ଥିଲି ହିରୋଇନ୍ ହୋଇପାରିବି। କିନ୍ତୁ ୧୧ ଷ୍ଟାଣ୍ଡାର୍ଡରେ ହେଭି ୱାର୍କଆଉଟ୍ କରି ପ୍ରାୟ ୧୧ କି.ଗ୍ରା. ଓଜନ କମାଇ ପତଳା ହେଲି। ଏତିକିବେଳେ ଅଶୋକ ପତି ମତେ ତାଙ୍କ ଫିଲ୍ମ ସିଷ୍ଟର ଶ୍ରୀଦେବୀରେ ଇଣ୍ଟ୍ରୋଡ୍ୟୁସ୍ କରିବାକୁ କହିଲେ। ଶିଶୁ କଳାକାର ଭାବେ କାମ କରିବାବେଳେ ମତେ ସମସ୍ତେ 'ନିକି' ନାମରେ ଜାଣିଥିଲେ। ହିରୋଇନ୍ ଭାବେ ଇଣ୍ଟ୍ରୋଡ୍ୟୁସ୍ କରିବାକୁ ଯେତେବେଳେ ଯୋଜନା ହେଲା ମୋର 'ଶିବାନୀ' ନାମକୁ ବ୍ୟବହାର କରାଗଲା। କାରଣ ଏ ନାମର ହିରୋଇନ୍ ଇଣ୍ଡଷ୍ଟ୍ରୀରେ କେହି ନାହାନ୍ତି।

### ଚୁଜି ଶିବାନୀ

ଫିଲ୍ମ ସିଲେକ୍ସନ କରିବା କ୍ଷେତ୍ରରେ ମୁଁ ବହୁତ ଚୁଜି। ଅନେକ ଭାବି ଚିନ୍ତି କୌଣସି ଫିଲ୍ମ ସାଇନ୍ କରେ। ସେଇଥିପାଇଁ ହିରୋଇନ୍ ହେବାର ୫ ବର୍ଷ ଭିତରେ ମାତ୍ର ୬ଟି ଫିଲ୍ମ କରିଛି। ସେଥିମଧ୍ୟରୁ ରିଲିଜ ହୋଇ ସାରିଥିବା 'ସିଷ୍ଟର ଶ୍ରୀଦେବୀ', 'ପ୍ରେମ କୁମାର', 'ବାବୁ ଭାଇଜାନ' ଚଳଚ୍ଚିତ୍ରରେ ଲୋକେ ମତେ ବହୁତ ପସନ୍ଦ କରିଛନ୍ତି। ଅନ୍ୟ ୩ଟି ଚଳଚ୍ଚିତ୍ର 'କିସ୍‌ମିସ୍', 'ଦିଲ୍ ମୋର ମାନେନା' ଓ 'ବିଦ୍ୟାରାଣୀ' ରିଲିଜ୍ ଅପେକ୍ଷାରେ ଅଛି।

### ଡ୍ରିମ୍ ରୋଲ

ବୟସ ଅନୁସାରେ ମୋର ଡ୍ରିମ୍ ରୋଲ ବଦଳିଥାଏ। ତେବେ ମୋର ଏବେର ବୟସ ଅନୁସାରେ ବଲିଉଡ୍ ମୁଭି 'ରାଜି'ରେ ଆଲିୟା ଭଟ୍ଟଙ୍କର ଯେଉଁ ଭୂମିକା ଥିଲା, ସେଭଳି ଏକ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ଅଛି। ଏହାବାଦ୍ ବଲିଉଡ୍, ଓଲିଉଡ୍‌ର ଅନେକ ଅଭିନେତ୍ରୀଙ୍କର ଅନେକ ଚରିତ୍ର ମତେ ଭଲ ଲାଗେ। ବୟସ ବଢ଼ିବା ସହ ସେହିଭଳି ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ରଖିଛି।



### ସିଙ୍ଗର ହେବାକୁ ଥିଲା ଇଚ୍ଛା

ପିଲାଦିନେ ସିଙ୍ଗର ହେବାକୁ ମୋର ବହୁତ ଇଚ୍ଛା ଥିଲା। ହେଲେ ମା' ପ୍ରଫେସନାଲ ଓଡ଼ିଶୀ ଡ୍ୟାନ୍ସର ହୋଇଥିବାରୁ ସେ ମତେ ଡ୍ୟାନ୍ସ ଶିଖାଇଲେ। ଗୀତ ଶିଖିବାକୁ ସୁଯୋଗ ପାଇଲିନି। ଯଦିଓ ଏବେ ସେଇ ଡ୍ୟାନ୍ସ ମୋ ଅଭିନୟ କ୍ଷେତ୍ରରେ କାମରେ ଆସୁଛି। ତେବେ ଗୀତ ନ ଶିଖିପାରିବାର ଯେଉଁ ଅବସୋସ ରହିଥିଲା, ତାହା 'ପ୍ରେମ ହେଇଗଲା ଜାଣିଲି' ଗୀତଟି ଗାଇବାର ସୁଯୋଗ ପାଇବା ପରେ କିଛି ମାତ୍ରାରେ ଦୂର ହୋଇଛି।

### ସ୍ୱପ୍ନ ଥିଲା ନ୍ୟୁଜ୍ ଆଙ୍କର ହେବା

ଡାକ୍ତର, ଇଞ୍ଜିନିୟର ହେବାର ଇଚ୍ଛା ମୋର କେବେବି ନ ଥିଲା। ସେଥିପାଇଁ ମାଟ୍ରିକ ପରେ ଆର୍ଟସ୍‌ରେ ପଢ଼ିଲି। ତା'ଛଡ଼ା ମୋର ବହୁତ ଇଚ୍ଛା ଥିଲା ନ୍ୟାଶନାଲ ପ୍ଲାଟଫର୍ମରେ ନ୍ୟୁଜ୍ ଆଙ୍କର ହେବା। ସେଥିପାଇଁ ଏବେ ଜର୍ନାଲିଜମ୍ ବି କରୁଛି।

### ବଲିଉଡ ନୁହେଁ ଓଲିଉଡ୍

ହିରୋଇନ୍ ଭାବେ ମତେ ଓଡ଼ିଶାବାସୀଙ୍କର ବହୁତ ଭଲପାଇବା ମିଳିଛି। ତେଣୁ ଏଇ ଇଣ୍ଡଷ୍ଟ୍ରୀରେ ହିଁ କାମ କରିବାକୁ ଚାହେଁ। ବଲିଉଡ୍ ପାଇଁ ଷ୍ଟ୍ରଗଲ କରି ଓଲିଉଡ୍‌ରେ ପାଉଥିବା କାମ ଓ ଲୋକଙ୍କ ଭଲପାଇବାକୁ ମୁଁ ହରାଇବାକୁ ଚାହେଁନା।

### ଫିଟ୍‌ନେସ୍ ରାଜ୍

ଡ୍ୟାନ୍ସ ସହ ବ୍ୟାୟାମ ଓ ବାଲାନ୍ସଡ ଡାଏଟ୍ ଯୋଗୁ ମୁଁ ଫିଟ୍ ରହେ।

### ବିଉଟି ରାଜ୍

କେମିକାଲ ବ୍ୟବହାର କରେନା, ପ୍ରଚୁର ପାଣି ପିଏ। ପ୍ୟାକ୍‌ଡ ଜୁସ୍ ବଦଳରେ ପଇଡ, ଲେମ୍ବୁ ପାଣି ପିଏ, ଯାହାକି ମୋ ତ୍ୱଚାକୁ ସୁସ୍ଥ ରଖେ।



### ଡ୍ରିମ୍ ଲାଇଫ୍ ପାର୍ଟନର୍

ଏବେ ତ ମୁଁ ବାହା ହେବା କଥା ଭାବିନି। ତେବେ ମୋ ମତରେ ଜୀବନସାଥୀ ଯଦି ଜଣେ ଭଲ ବନ୍ଧୁ ହୋଇପାରିବ, ତେବେ ଜୀବନ ସହଜ ଓ ସୁନ୍ଦର ହେଇଯିବ।

### ଫ୍ରି ଟାଇମ୍

ଅବସର ସମୟରେ ମୁଁ ଅନେକ କିଛି ବିଷୟ ଉପରେ ଭାବେ, ଗୀତ ଶୁଣେ ଓ ଫ୍ୟାମିଲି ସହ ଫିଲ୍ମ ଦେଖିବାକୁ ପସନ୍ଦ କରେ।

### ଅବସୋସ

ଅବସୋସ କରିବାର ବୟସ ହେଇନି। ତା'ଛଡ଼ା ମତେ ମୋ ଆଶାଠୁ ବି ଅଧିକ ମିଳିଛି। ଅବସୋସ ରହିବ କ'ଣ ପାଇଁ!

**-ଶିବାନୀ ମହାନ୍ତି**

# ଗପର ନାଁ ଗାୟତ୍ରୀ





**କା**ହାଣୀମାନେ ସବୁବେଳେ ତାଙ୍କ ପରି ଆଧାର ଖୋଜନ୍ତି। ଚରିତ୍ରମାନେ ତାଙ୍କୁ ଖୋଜି ଖୋଜି ଆସନ୍ତି ନିଜେ ବିବୃତ ହେବା ପାଇଁ ତେଣୁ ଇ ତ ତାଙ୍କ କଥା ସାହିତ୍ୟରେ କେତେ ପ୍ରକାରର ଭାଷା, ତାଙ୍କ ଗପର ଅଗଣାରେ କେତେ କେତେ ଚରିତ୍ରମାନଙ୍କ ଆତଯାତ। ମନେ ହୁଏ ଯେମିତି କାହାଣୀମାନେ ତାଙ୍କ ହାତରୁ ନିଜକୁ ଲେଖାଇ ନିଅନ୍ତି। ସେ ଆଉ କେହି ନୁହନ୍ତି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜୟିନୀ କଥାକାର ଗାୟତ୍ରୀ ସରାଫ୍। ତାଙ୍କ ଗପମାନେ ଜୀବନର ବିପର୍ଯ୍ୟୟକୁ ସାମ୍ନା କରନ୍ତି ସହଜ ସରଳ ଓ ନିରୀହ ଭାବେ। ତାଙ୍କ ଚରିତ୍ରମାନେ ଜୀବନକୁ ଗ୍ରହଣ କରି ନିଅନ୍ତି ଯଥାସ୍ଥିତି କିନ୍ତୁ ବଞ୍ଚାଇ ରଖନ୍ତି ତା ଭିତରର ସୂକ୍ଷ୍ମତା ଓ ସୁକୁମାରତା। ୧୭ଅଗଷ୍ଟ ୧୯୫୨ ବଲାଙ୍ଗୀରରେ ଜନ୍ମିତ ଗାୟତ୍ରୀଙ୍କ ବୃତ୍ତି କିନ୍ତୁ ଥିଲା ଶିକ୍ଷକତା। ସରକାରୀ ବାଳିକା ବିଦ୍ୟାଳୟ, ପାଟଣାଗଡ଼ରୁ ପ୍ରଧାନ ଶିକ୍ଷୟିତ୍ରୀ ଭାବରେ ଅବସର ଗ୍ରହଣ କରିଥିବା ଗାୟତ୍ରୀ ନିଜର କର୍ମନିଷ୍ଠା, ସଫଳ ଶିକ୍ଷାଦାନ ପଦ୍ଧତି ଓ ଶିକ୍ଷାର୍ଥୀବତ୍ସଳ ସ୍ୱଭାବ ପାଇଁ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବରେ ତତ୍କାଳୀନ ରାଷ୍ଟ୍ରପତି, ବୈଜ୍ଞାନିକ ଏପିଜେ ଅବଦୁଲ କାଲାମଙ୍କ ହାତରୁ ଗ୍ରହଣ କରିଥିଲେ ଜାତୀୟ ପୁରସ୍କାର। କେବଳ ସେତିକି ନୁହେଁ ଜିଲ୍ଲା ଗାଇଡ଼ କମିଶନର ହିସାବରେ ସେ ତାଙ୍କ ଦକ୍ଷତା ପ୍ରତିପାଦନ କରି ଶୃଙ୍ଖଳା ଏବଂ ସମାଜସେବା ପାଇଁ ଏକ ଉଦାହରଣ ତିଆରି କରିଛନ୍ତି।

ପିଲାଟି ଦିନରୁ ସାହିତ୍ୟମନସ୍କ ଗାୟତ୍ରୀ ଲେଖାରେ ଢେର ମାଟିମନସ୍କ। ଶୁଣାଯାଏ ମାଡାମ କ୍ୟୁରୀଙ୍କ ଭଳି ନିଜ ସର୍ଜନାର ପୃଥିବୀରେ ଶବ୍ଦର ଶିଳ୍ପ ତିଆରି କରିବାରେ ବ୍ୟସ୍ତ ରହୁଥିଲା ତାଙ୍କର ବାଲ୍ୟକାଳ ଓ କୈଶୋର। ଜୀବନକୁ ଘେରେଇ ରଖିଥିବା ଛୋଟବଡ଼ ସମସ୍ୟା, ଜୀବନକୁ ମହନୀୟ କରି ରଖୁଥିବା ପର୍ଯ୍ୟାପ୍ତ ଅନୁଭବ, ସାଧାରଣ କଥାକୁ ଅସାଧାରଣ ଭାବରେ କଲମର ଧାଡିମାନଙ୍କରେ ଆଙ୍କି ପାରୁଥିବା ଜୀବନର ଚିତ୍ର ସବୁ ପାଇପାରେ ପାଠକ ଜଣେ ଗାୟତ୍ରୀଙ୍କ କଥା ସାହିତ୍ୟରୁ। ଆଲୋକିତ ଅନ୍ଧାର, ଆଇନାର ଜହ୍ନ, ନିଜସ୍ୱ ବସନ୍ତ, ପ୍ରେମିକା ପରି କେହି ଜଣେ, ବାପା ଭଲ ଅଛନ୍ତି, ନୀଳ ଜହ୍ନର ଜୁଇ, ସ୍ମୃତିର ଚିତ୍ରନଦୀ, ଶେଷ ବିଦାୟର ଗୀତ, ଛାଇର ନମୁର ଗଛ, ବର୍ଷାର ଓଢଣା ତଳେ, ଇଟାଭାଟିର ଶିଳ୍ପୀ, ଶ୍ରେଷ୍ଠଗଳ୍ପ, କେହି ତ ଜଣେ, ପଣତ କାନିରେ ଘର, ଆଖି (ପ୍ରକାଶ ଅପେକ୍ଷାରେ), କଥାୟନ ୧ ଏବଂ ୨, ଗାଥା ଗାୟତ୍ରୀ, ସୁରଭିତ ଫୁଲ ସବୁ, ବର୍ଣଙ୍ଗ ମାଉଁଟେନ୍ସ, ଦି ଆର୍ଟିଷ୍ଟ ବ୍ରିଫ କିନ୍, ରେଡ଼ କରିଡର କି ତିତଲି ଭଳି ପୁସ୍ତକ ଏବଂ ତାଙ୍କ ଲେଖାକୁ ନେଇ ସଂକଳିତ ପୁସ୍ତକ ଆଜିକା ସମୟରେ ଢେର ଲୋକପ୍ରିୟ। ହିନ୍ଦୀ, ଇଂରାଜୀ, ତେଲେଗୁ, କନ୍ନଡ଼, ଅସାମୀ, ବଙ୍ଗଳା, ମରାଠୀ ଓ କୋଶଳୀରେ ତାଙ୍କ ଗଳ୍ପ ସବୁ ଅନୁବାଦିତ ହୋଇ ପ୍ରକାଶିତ ହୋଇଛି। ଆମେରିକାରୁ ପ୍ରକାଶିତ ସାଉଥ ଏସିଆନ ରିଭ୍ୟୁରେ ଇଂରାଜୀରେ ଅନୁଦିତ ତାଙ୍କ ଗଳ୍ପ ଓଡିଶା ସାହିତ୍ୟ ପାଇଁ ଆଣି ଦେଇଛି ଗୌରବ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର (୨୦୧୭), ସୁଚରିତା ଶ୍ରେଷ୍ଠ ଗାଳ୍ପିକା ପୁରସ୍କାର ( ୧୯୯୬), ଧରିତ୍ରୀ ସମ୍ମାନ (୧୯୯୩), ପ୍ରଜାତନ୍ତ୍ର ପୁରସ୍କାର(୨୦୦୦) , କାଦମ୍ବିନୀ ଗଳ୍ପ ସମ୍ମାନ (୨୦୦୭) , ଅମୃତାୟନ ସମ୍ବର୍ଦ୍ଧନା (୨୦୦୫), କାହ୍ନୁଚରଣ ସ୍ମୃତି ପୁରସ୍କାର (ଯାଜପୁର -୨୦୦୧), ଝଙ୍କାର ଗଳ୍ପ ପୁରସ୍କାର (୨୦୧୩), କୋଣାର୍କ ଉତ୍ସବ ସାହିତ୍ୟ ସମ୍ମାନ ( ୨୦୧୪ ), ଅଳକା ପୁରସ୍କାର ( ଜଗତସିଂହପୁର ), ଓଡିଶା ଓମେନ ଆୱାର୍ଡ (୨୦୧୮), ଯୁଗଶ୍ରୀ ଯୁଗନାରୀ ଗଳ୍ପ ସମ୍ମାନ (୨୦୧୯), ଏକୋଇଶତମ ଭାରତ କଥା ପ୍ରତିଭା ସମ୍ମାନ (୨୦୨୦), ତେଜସ୍ୱିନୀ ନାରୀ ପ୍ରତିଭା ସମ୍ମାନ (୨୦୨୨ ) ଏବଂ ଅନ୍ୟାନ୍ୟ ଅଣଚାଶଟି ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ଓ ସମ୍ମାନିତ। ତାଲିକା ଆହୁରି ଲମ୍ୱା ହୋଇପାରେ ଯଦି ସଠିକ ଭାବରେ ଆକଳନ କରାଯାଇପାରେ। ଅନାହତ ପରମ୍ପରା (କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ସ୍ୱାଧୀନତା ପରବର୍ତ୍ତି ଓଡ଼ିଆ ଲେଖିକାଙ୍କ କ୍ଷୁଦ୍ର ସଂକଳନ) ର ସଂକଳନ ଓ ସମ୍ପାଦନା, କୋଣାର୍କ (ଓଡିଶା ସାହିତ୍ୟ ଏକାଡେମୀର ପତ୍ରିକା)ର ସମ୍ପାଦନାମଣ୍ଡଳୀର ଅନ୍ୟତମ ସମ୍ମାନୀୟ ସଦସ୍ୟ ହୋଇ କାମ କରିଥିବା ଗାୟତ୍ରୀ ସରାଫ୍ ବିଚାରକ ଭାବରେ ସାରଳା ପୁରସ୍କାର କମିଟି, କେନ୍ଦ୍ର ସାହିତ୍ୟ ଏକାଡେମୀର ଅନୁବାଦ ବିଭାଗ, ଗଙ୍ଗାଧର ଜାତୀୟ ପୁରସ୍କାର, କଥା ନବପ୍ରତିଭା ପୁରସ୍କାର ପାଇଁ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଉପସଭାପତି (୨୦୧୫-୧୮), ସଦସ୍ୟା- ସାଧାରଣ ପରିଷଦ ଓଡିଶା ସାହିତ୍ୟ ଏକାଡେମୀ (୨୦୧୧-୧୩), ସଦସ୍ୟା -ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ କେନ୍ଦ୍ରସାହିତ୍ୟ ଏକାଡେମୀ ( ୨୦୦୮-୧୨), ପୂର୍ବତନ ଉପ ସଭାନେତ୍ରୀ ବଲାଙ୍ଗୀର ଜିଲ୍ଲା ଲେଖକ ପରିଷଦ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟା ସୃଜନସଲିତା ନବନୀତା, ସମ୍ବଲପୁର ଓ ଉତ୍କଳ ବିଶ୍ୱ ବିଦ୍ୟାଳୟର ଗବେଷକମାନଙ୍କ ଦ୍ୱାରା ଗବେଷଣାତ୍ମକ ନିବନ୍ଧ ପୁସ୍ତକ, କ୍ଷୁଦ୍ରଗଳ୍ପ ପୁସ୍ତକକୁ ନେଇ ଏମ୍ଫିଲ କରିଥିବା ଗାୟତ୍ରୀଙ୍କ ସାଙ୍ଗଠନିକ ଦକ୍ଷତାକୁ ପ୍ରଶଂସା ନକରି ରହି ହୁଏନାହିଁ। ଗାୟତ୍ରୀ ନାମକ ଏହି କାହାଣୀରେ ସଫଳତାର ଏମିତି ଆହୁରି ଅନେକ ଫର୍ଦ୍ଦ ରିହିଛି ।

**କାହାଣୀମାନେ ସବୁବେଳେ ତାଙ୍କ ପରି ଆଧାର ଖୋଜନ୍ତି। ଚରିତ୍ରମାନେ ତାଙ୍କୁ ଖୋଜି ଖୋଜି ଆସନ୍ତି ନିଜେ ବିବୃତ ହେବା ପାଇଁ ତେଣୁ ଇ ତ ତାଙ୍କ କଥା ସାହିତ୍ୟରେ କେତେ ପ୍ରକାରର ଭାଷା, ତାଙ୍କ ଗପର ଅଗଣାରେ କେତେ କେତେ ଚରିତ୍ରମାନଙ୍କ ଆତଯାତ। ସେ ଆଉ କେହି ନୁହନ୍ତି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜୟିନୀ କଥାକାର ଗାୟତ୍ରୀ ସରାଫ୍..**

-ମାନମୟୀ ରଥ
ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିପୁଟ, ପୁରୀ
ମୋ: ୭୯୭୮୫୭୯୩୯୯











# ଚୈତ୍ର ଖରା – କେଲୁଣୀ ମୁହାଣ

**–କାମଦେବ ମହାରଣା**

**ଖ**ରା ଡେଇଁ ଯାଏ ପବନ ସାଥିରେ ନଇ ଗାଉଥାଏ ଗୀତ
ସେ ଗୀତରେ ଥାଏ ଦରିଆ ସହିତ ସୁନାମୁହିଁ କିଆଁ ମିତ !
କାଦୁଆ କୂଳର କେନ୍ଦୁ ଗଛରେ ବହଳା ଅବିର ବୋଳି
କରଞ୍ଜି ଡାଳରେ ଶୋଇଛି ଚୈତ୍ର ମଳୟରେ ଦୋଳି ଖେଳି ।

ପବନ ପଚାରେ ପୂର୍ବ ଦିଗକୁ ରାଗି ସୂରୁଜର କଥା
କାହିଁକି ବାଲିର ମାଟିଆ ପିଠିରେ ଜଳିଉଠେ ନିରବତା
କାହିଁକି କାଦୁଆ ଝାଉଁଳି ପଡ଼ିଛି ପ୍ରାଚୀ ଦେହ ସୂତା – ସରୁ
କିଆଁ ବାଲିବନ୍ତ ପାଷାଣ ନୀରବ ଝାଉଁବଣ ଗାରୁଗାରୁ !

ହେଇ ସେ ଗାଆଁର ବରଗଛ ତଳେ ଶୋଇଛି ଚଇତ ସ୍ମୃତି
ସେଇଠି ଦିଶୁଛି ସୁନାରୀ ଫୁଲର ଯଉବନ ତନୁ ତାତି
ବାଉଁଶ ବାରିରେ ଚାଳିଶି ପଚାରେ ବାଇଶିକୁ ପଛକଥା
କାହା ପାଇଁ ବସି କବିତା ଲେଖେ ସେ ଅଧବୁଢ଼ା ନିରବତା ।

କେଲୁଣୀ ମୁହାଣ ସବୁ ଜାଣେ ଜଣେ କିଆଁ ବୁଲେ ଏକାଏକା ।
ଫୁଲ–ଚଇତରେ ହୋଇଥିଲା ଦିନେ ମନ ଏଠି କିଣାବିକା ।

*– ଯାନ୍ତ୍ରିକ ବିଭାଗ, ପୂର୍ବତଟ ରେଳପଥ , ପୁରୀ – ୨*
*ମୋ: ୯୬୫୮୦୨୬୬୧୨*

# ଯଥେଷ୍ଟ କି!!

**–ସୁମିତା ବେହେରା**

**ସ୍ୱ**ପ୍ନ ପାଇଁ ରାତ୍ରୀଟିଏ ଯଥେଷ୍ଟ ତ ନୁହେଁ,
ସେ'ପାଇଁ ପ୍ରତୀକ୍ଷା ରହେ ପ୍ରତିଟି ରାତ୍ରୀର,
ପ୍ରୀତି ପାଇଁ ଫଗୁଣଟେ ଯଥେଷ୍ଟ କି ହୁଏ ?
ରହେନାହିଁ କି ପ୍ରତୀକ୍ଷା ପ୍ରତି ଫଗୁଣର ?

ନିଦ ପାଇଁ ଲୋରିଟିଏ ଯଥେଷ୍ଟ ତ ନୁହେଁ
ଚାହେଁନି କି ପ୍ରୀତିସ୍ପର୍ଶ ପ୍ରତି ରଜନୀରେ ?
ଝୁରେ ରାଈ ବିରହିଣୀ ଯମୁନାର ତୀରେ
ହସିପାରେ ଶ୍ୟାମ କି ବା ଦ୍ୱାରିକାର ପୁରେ ?

*–ଭୁବନେଶ୍ୱର,*
*ମୋ: ୭୮୦୯୨୩୬୦୪୩*

# ବିଚିତ୍ର ବୟସ

**–ଲିପ୍ସା ପଟେଲ**

**ତୁ**ମ ଚା' କପର ବାମ୍ଫରେ
ପ୍ରତିଥର ପାଲଟିଯାଏ
ମୁଁ ମହ ମହ ବାସ୍ନା,
ଅଭେଦ୍ୟ ଗର୍ଭଗୃହରେ
ତୁମେ ଆବୋରିନିଅ
ମୋ ତମାମ ଆୟୁଷକୁ
ଗଢିଦେଇ ଏକ ଅଦୃଶ୍ୟ ପୃଥିବୀ ।

ବିତିଚାଲିଥିବା ବାରମାସ ସହ
ବଦଳିଚାଲେ ଋତୁ,
ନିତିଦିନର ଶୋଷରେ
ପାଲଟିସାରିଥାଏ ମୁଁ
ଏକ ସ୍ରୋତସ୍ୱିନୀ ।

ପୂର୍ଣ୍ଣତାର ଶୀର୍ଷରେ
ଅନେକ କୋଳାହଳ ମଧ୍ୟରେ
ଶେଷହୀନ ମରୀଚିକାର ଅନ୍ତରେ
ଜନ୍ମନିଏ ନୂଆ ଏକ ଦିଗନ୍ତ,
ଚିହ୍ନିବାକୁ ନୂଆ ନୂଆ ସମ୍ପର୍କ
ଗଢାହୁଏ....... ଅତୀତ, ବର୍ତ୍ତମାନ
ଏବଂ ଭବିଷ୍ୟତର ଚିତ୍ର ।

କ୍ରମଶଃ ଛିଣ୍ଡି ଛିଣ୍ଡି ଚାଲିଥିବା
ଆକର୍ଷଣର ରଜ୍ଜୁରେ
ନିଗିଡି ଚାଲିଥାଏ.......
ପରିସଂଖ୍ୟାନର ଚିଠା
କେବେ ଲହୁ, କେବେ ଲୁହ ;
ଚଗଲା ବୟସରେ, ଖସଡା
ରାସ୍ତାରେ
ସମ୍ଭାଳି ନେବାକୁ ହାତ ବଢାଏ
ଅସହାୟ ଶେଥୁଆ ଆଖି,
ଲୋଚାକୋଚା ଚମ ।

କଂସାଏ ଅସହାୟତାର
ମୁନ୍ଦାଏ ପାଣି ଢୋକିନିଏ
ପରଷିବାକୁ ତା' ଥାଳିରେ
ଛପନ ପଉଟି ଭୋଗ ।

*–ଭବାନୀପାଟଣା*
*ମୋ: ୯୪୩୯୪୦୦୩୪୮*

# ବୋଉ

**–ପରମେଶ୍ୱର ଓଝା**

**ତା'** ବୋଉ ଯେତେଥର ଆସେ ସେ ଉଚ୍ଛୁଳି ପଡେ । ତା' ବୋଉ ଆସିଛି ବୋଲି ତା' ଗୋଡ଼ ତଳେ ଲାଗେନି । କିନ୍ତୁ ବୋଉ ବିଦା ହୋଇ ଗଲାବେଳେ ତା' ଆଖି ଲୁହରେ ଉବୁଟୁବୁ ହେଉଥାଏ ପ୍ରତି ଥର । ବୋଉ ଆସିବାର ଖବର ପାଇବା ପରେ ମଧୁ ସବୁଦିନ ଠାରୁ ଅଧିକ ତରତର ହୁଏ ସେଦିନ। ସବୁ ଘରଦ୍ୱାର ଏକଦମ୍ ସଫାସୁତୁରା କରି ବେଶ୍ ଯତ୍ନରେ ସଜାଡି ଦିଏ । ନଅ ତିଅଣ ଛଅ ଭଜା କରି ପକାଏ.. । ସବୁ ବ୍ୟଞ୍ଜନକୁ ଥର ଥର କରି ଚାଖି ପରଖୁଥାଏ ତେଲ ଲୁଣର ଭାଗ ମାପକୁ । ସ୍ୱାଦିଷ୍ଟ ହୋଇଛି କି ନାହିଁ ବୋଲି ମୋତେ ଚଖାଏ ଆଉ କୁହେ, 'ନହେଲେ ବୋଉ ଭାବିବ ଏତେ କରି କହିଥିଲି ଶିଖେଇଥିଲି ସବୁ ଭୁଲି ଯାଇଛି ।' ତା'ବୋଉ ଘରକୁ ଆସିଲେ ଘରେ ସେଦିନ ଏକ ପ୍ରକାର ଉତ୍ସବ ଉତ୍ସବ ପରି ଲାଗେ । ମଧୁ ବେଶ୍ ପ୍ରସନ୍ନ ଆଉ ଚଳ ଚଞ୍ଚଳ ଥାଏ ସେଦିନ । ସବୁ କାମକୁ ସମର୍ପିତ ଭାବ ନେଇ କରୁଥାଏ । ବୁଲୁଥାଏ ମୋ' ବୋଉ ଚାରି ପାଖରେ । ଗେହ୍ଲେଇ ହୋଇ କଥା ହୁଏ ଶାଶୁ ସହ । ମୋତେ ଲାଗେ ଏଇଟା ମଧୁର ଚାଲାକୀ ତା' ବୋଉ ପାଇଁ ଆମ ଘରେ ଭଲ ପରିବେଶ ତିଆରି କରିବାରେ । ସମୁଦି ସମୁଦୁଣୀ ପୁଅ ବୋହୂ ଦିଅର ଭାଉଜ ସମସ୍ତେ ମିଶି ଗଲେ ବେଶ୍ କିଛି ସମୟ ଗପର ଆସର ଜମେ । ସେ ଗପ ଭିତରେ କିଛି ବୋହୂ ପାଇଁ ଅଭିଯୋଗ ଥାଏ କିଛି ପ୍ରଶଂସା ଥାଏ ପଡା ପଡୋଶୀଙ୍କୁ ନଜର ଦେଇ କିଛି ଉଦାହରଣ ବିଥାଏ ଆଉ ହସ ମଜାକ୍ ଥଟ୍ଟା ପରିହାସ ସହ ସାମାନ୍ୟ ଗମ୍ଭୀର ଆଲୋଚନା ବିଥାଏ । କିନ୍ତୁ ଗପ ଆରମ୍ଭ ରୁ ଶେଷ ଯାଏଁ ବେଶ୍ ମନୋରଞ୍ଜନ ଆଉ ଆମୋଦ ଥାଏ । ଆଜି ତା' ବୋଉ ( ମୋ ଶାଶୁ ) ଚାଲି ଗଲା ପରେ ପତ୍ନୀ ଢେର୍ ସମୟ ଯାଏଁ ଉଦାସ ରହିଲେ। ତାଙ୍କ ଆଖିରେ ଲୁହ ବୋହି ଯାଉଥିଲା ଆଉ ସେ ରାତି ରନ୍ଧା ପାଇଁ ଆଗ୍ରହ ଦେଖେଇଲେନି। ତକିଆରେ ମୁହଁ ମାଡ଼ି ଶୋଇ ରହିଲେ ଖଟରେ । ଆଣ୍ଠୁ ଗଣ୍ଠି ବାତ ଥିବା ବୋଉ ଆମ ଦୁଇ ଭାଇ ଓ ବାପାଙ୍କ ପାଇଁ ଅଟା ଦଳୁଥିବା ବେଳେ ମୋତେ ଭୀଷଣ ଚିଡି ମାଡୁଥିଲା । ବଡ଼ ପାଟିରେ କହିଲି, ସକାଳ ଶରଧା କଣ ବାଧା ହେଇଗଲା କି ଜେମା ଦେଇଙ୍କୁ ଯେ ତୁ ରୁଟି କରିବାକୁ ବସିଚୁ ! ବୋଉ ମୋ' ମୁହଁକୁ ଚାହିଁ ଦେବୀଟେ ଭଳି ହସିଲା । କହିଲା , ଶାଶୁ ଭିତରେ ତା ବୋଉ ପାଉନି ବୋଲି କଷ୍ଟ ପାଉଛି ବିଚାରୀ । ତା' ବୋଉକୁ ଝୁରୁଛି । ମୋର କାମ ହେଲା ତୁମ ଭାଇ ଦୁହିଁଙ୍କୁ ରାନ୍ଧି ବାଢ଼ି ଖୁଆଇଲା ଭଳି ତାକୁ ଗଣ୍ଡେ ଖୁଆଇବା । ଯଦି ତତେ ବାଧୁଛି ରୁଟି ଦି ପଟ ସେକି ଦେଉନୁ, ବେଲି ସିନା ପାରିବୁନି ....।

*–ଷାଠିଏବାଟି , ମହାକାଳପଡ଼ା, କେନ୍ଦ୍ରାପଡ଼ା*
*ମୋ: ୬୩୫୫୧୩୩୩୦୧*






ଶାହୀଦ

# ପ୍ରଥମ ଅଫର ପୂର୍ବରୁ..

ବଲିଉଡ୍‌ରେ ସୁଯୋଗ ପାଇବା ଏତେ ସହଜ କଥା ନୁହେଁ। ଉଦାହରଣ ଭାବରେ ଶାହୀଦ କପୁରଙ୍କୁ ନେଇ ପାରନ୍ତି। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ'। ନିଜର ଡେବ୍ୟୁ ଫିଲ୍ମ ପୂର୍ବରୁ ଶାହୀଦଙ୍କୁ ପାଖାପାଖି ୧୦୦ଟି ସୁଯୋଗ ମିଳିଥିଲା, କିନ୍ତୁ ସେଗୁଡିକ ମଧ୍ୟରୁ ଗୋଟିଏ ହେଲେ ଅଫର ତାଙ୍କ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇ ନ ଥିଲା। ଅର୍ଥାତ୍ ସବୁତକ ଅଫର ଶେଷ ମୁହୂର୍ତ୍ତରେ ହାତରୁ ଖସି ଯାଇଥିଲା। ହେଲେ ଏଥିରେ ଭାଙ୍ଗି ପଡି ନ ଥିଲେ ଶାହୀଦ। ଏ ସମ୍ପର୍କରେ ସେ କହନ୍ତି, 'ପ୍ରଥମ ସିନେମା 'ଇସ୍କ ଭିସ୍କ'ରେ ଅଭିନୟ କରିବା ପୂର୍ବରୁ ମୋତେ ପାଖାପାଖି ଶହେଟି ଅଫର ମିଳିଥିଲା। କିନ୍ତୁ ସେଗୁଡିକ ମଧ୍ୟରୁ ଗୋଟିଏ ବି ସିନେମାରେ ଅଭିନୟ କରିପାରି ନ ଥିଲି। ତାହା କେବଳ ଆଶାରେ ହିଁ ରହିଯାଇଥିଲା। ହେଲେ ମୁଁ ଭାଙ୍ଗି ନ ପଡି ଧୈର୍ଯ୍ୟର ସହ ଅପେକ୍ଷା କରିଥିଲି।' ବଡ ପରଦାରେ ନାୟକ ସାଜିବା ପୂର୍ବରୁ ଶାହୀଦ 'ତାଲ୍' ଏବଂ 'ଦିଲ୍ ତୋ ପାଗଲ୍ ହେ'ରେ ବ୍ୟାକଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ନାଚିଥିଲେ।


ସମ୍ବିତ-ତମନ୍ନା

# ଅକ୍ସିଜେନ୍

ମଣିଷ ବଞ୍ଚିବା ପାଇଁ ଅକ୍ସିଜେନ୍‌ର ଆବଶ୍ୟକ। ଏହା ଯଦି ଶେଷ ହୋଇଯାଏ ତେବେ ମାନବ ସମାଜ ଧ୍ୱଂଶ ହୋଇଯିବ। କଳକାରଖାନା, ଆପାର୍ଟମେଣ୍ଟ ଆଦି ତିଆରି କରିବାକୁ ଜଙ୍ଗଲ କଟାଯାଉଛି। ଏହାଦ୍ୱାରା ବାୟୁମଣ୍ଡଳରେ ଅକ୍ସିଜେନ୍ ସ୍ତର ପ୍ରଭାବିତ ହେଉଛି। ତେବେ ଏପରି ଏକ ସେନସେସନାଲ ବିଷୟବସ୍ତୁକ ନେଇ ନିର୍ମିତ ହୋଇଛି ଏକ ଭିନ୍ନ ଧରଣରର ଓଡିଆ ସିନେମା। ଏହାର ଟାଇଟଲ ରହିଛି 'ଅକ୍ସିଜେନ୍'। ଉକ୍ତ ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଡା. ରଶ୍ମୀରଞ୍ଜନ ପଣ୍ଡା। ଶିବ ପ୍ରସାଦ ପଣ୍ଡାଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର କାହାଣୀ ବିଷୟରେ ରଶ୍ମୀ କହନ୍ତି, 'ଏହା ଏକ ରୋମାଣ୍ଟିକ କମେଡି ଫିଲ୍ମ। ହେଲେ ଏଥିରେ ଫ୍ୟାମିଲି ଡ୍ରାମା, ଇମୋଶନ ଏବଂ ଆକ୍ସନ ରହିଛି। ଏଥିରେ ଏପରି ଏକ ସୋସିଆଲ ମ୍ୟାସେଜ ରହିଛି ଯାହା ସମାଜ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ। ଫିଲ୍ମଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'ଜୋର୍ କା ଝଟକା', 'ଇନ୍ଦ୍ରଜାଲ୍' ଏବଂ 'ଲଗାମ୍'ର ନିର୍ଦ୍ଦେଶକ ପିନୁ ନାୟକ। ଡ. ନିର୍ମଳ ନାୟକ, ତପୁ ନାୟକ ଏବଂ ସତ୍ୟ ରଞ୍ଜନ ବଳଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ଅନ୍ୟତମ ସ୍ୱର ସଂଯୋଜକ ଅଭିଜିତ୍ ମଜୁମଦାର। ଏହାର ଲିଡ୍ ରୋଲ୍‌ରେ ସମ୍ବିତ-ତମନ୍ନା ଯୋଡି ବ୍ୟତୀତ ବବି ମିଶ୍ର, ବାବୁ ପ୍ରଧାନ, ଟନିଆ, ନିଖିଳେଶ ଘୋଷ, ଉମାକାନ୍ତ ମୁଦୁଲି, କ୍ରିଷ୍ଣା, ଶ୍ରାବଣୀ, ରଶ୍ମୀ ଆଦି କଳାକାରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଆରପି ପ୍ରଡକ୍ସନ ବ୍ୟାନରରେ ଏହାର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି।

# ପ୍ରଶଂସା ଅନ୍ତରାଳେ..

ସାରା ଅଲ୍ଲୀ ଖାଁଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା। ଯୁଆଡେ ଗଲେ ତାଙ୍କ ବିଷୟରେ ବଖାଣିବାକୁ ଭୁଲୁ ନାହାନ୍ତି ଏହି ଅଭିନେତ୍ରୀ। ବର୍ତ୍ତମାନ ସେ ଅକ୍ଷୟ କୁମାରଙ୍କ ପ୍ରଶଂସାରେ ଶତମୁଖ। କଥା କ'ଣ କି ସାରା ନିଜର ଫିଟ୍‌ନେସ୍‌କୁ କିପରି ନୂଆ ରୂପ ଦେବେ ଓ ଏନେଇ କାହାସହ ଯୋଗାଯୋଗ କରିବେ ବୋଲି ଚିନ୍ତା କରୁଥିବାବେଳେ ଅକ୍ଷୟଙ୍କ କଥା ତାଙ୍କ ମନକୁ ଆସିଥିଲା। ଯେତେବେଳେ ସେ ଏ ସମ୍ପର୍କରେ ଅକ୍ଷୟଙ୍କୁ କହିଲେ ବଲିଉଡ୍‌ର ଖିଲାଡି ମାଷ୍ଟରଭାବରେ ପରିଚିତ ଏହି ଅଭିନେତା ତାଙ୍କୁ କି ଟିପ୍ସ ଦେଲେ କେଜାଣି ଏବେ ସାରା କେବଳ ଅକ୍ଷୟଙ୍କ ନାମକୁ ଜପାମାଳି କରିଛନ୍ତି। ଏ ସମ୍ପର୍କରେ ସାରା କହନ୍ତି, 'ମୁଁ ସବୁବେଳେ ନିଜ ଫିଟ୍‌ନେସକୁ ଗୁରୁତ୍ୱ ଦିଏ। ହେଲେ ଏବେ ତାକୁ ଟିକେ ନୂଆ ରୂପ ଦେବାକୁ ଚାହୁଁଛି। ତେଣୁ ଏ ନେଇ ଅକ୍ଷୟଙ୍କ ସହ କଥା ହୋଇଥିଲି। ସେ ମୋତେ ଏଥିପାଇଁ କେତୋଟି ବିଷୟ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ସେଗୁଡିକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରୁଛି। ତା' ସହ ଖାଦ୍ୟପେୟ ପ୍ରତି ମଧ୍ୟ ଧ୍ୟାନ ଦେଉଛି। ଏ ନେଇ ତାଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ।'


ସାରା

# ସେହି ୧୫ ଦିନ..

କେବଳ ମାଲାୟାଲାମ ନୁହେଁ, ମାଳବିକା ମୋହନାନ୍ ତେଲୁଗୁ ଏବଂ ତାମିଲ ଫିଲ୍ମରେ ମଧ୍ୟ ଅଭିନୟ କରିସାରିଛନ୍ତି। ହେଲେ ସେହି ୧୫ ଦିନକୁ ଭୁଲିପାରୁନାହାନ୍ତି ସେ। ବଲିଉଡ୍‌ରେ ଏଣ୍ଟ୍ରି କରିବା ସମୟରେ ଏଭଳି ଘଟଣା ଘଟିଥିଲା। ମାଳବିକାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ବେୟଣ୍ଡ ଦ କ୍ଲାଉଡ୍'। ସେ ଯେତେବେଳେ ଏହି ଫିଲ୍ମ ସାଇନ୍ କଲେ ତାଙ୍କୁ ପ୍ରଥମେ ନିଜ ଓଜନ କମାଇବାକୁ ପରାମର୍ଶ ଦିଆଯାଇଥିଲା। ଉକ୍ତ ସିନେମା ପାଇଁ ମାଳବିକା ୮ କିଗ୍ରା ଓଜନ କମାଇଥିଲେ। ପୁଣି କେତେଦିନ ଭିତରେ ଜାଣନ୍ତି ? ମାତ୍ର ଦୁଇ ସପ୍ତାହ। ଏ ନେଇ ସେ କହନ୍ତି, 'ଏହି ଓଜନ କମାଇବାକୁ ମୋତେ ପାଖାପାଖି ୧୫ ଦିନ ଲାଗିଥିଲା। ଡାଏଟିଂ ବ୍ୟତୀତ ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଦୁଇ ଘଣ୍ଟା ଜିମ୍‌ରେ କଟାଇବାକୁ ପଡୁଥିଲା। ମୋଟ ଉପରେ କହିବାକୁ ଗଲେ ସେତେବେଳେ କେବଳ ମୋ ମନରେ ଗୋଟିଏ କଥା ଉଙ୍କି ମାରୁଥିଲା। ତାହା ହେଲା କେମିତି ଓଜନ କମାଇବି। ଶେଷରେ ମୋର ଏହି ଓଜନ ମିଶନ ସକସେସ ହୋଇଥିଲା।' ଖାସ୍ କଥା ହେଲା, ଉକ୍ତ ସିନେମା ପାଇଁ ପ୍ରଥମେ ଦୀପିକା ପାଦୁକୋନ୍‌ଙ୍କୁ ସାଇନ୍ କରାଯାଇଥିଲା। ହେଲେ ଶେଷ ମୁହୂର୍ତ୍ତରେ ତାଙ୍କ ବଦଳରେ ମାଳବିକାଙ୍କୁ ନିଆଯାଇଥିଲା। କେରଳର କନ୍ନୁର ଜିଲ୍ଲାରେ ଜନ୍ମିତା ଏହି ଅଭିନେତ୍ରୀ ବର୍ତ୍ତମାନ ବମ୍ବେରେ ରହୁଛନ୍ତି।


ମାଳବିକା


# ବାଣୀଙ୍କ ଖୁସି

କଥାରେ ଅଛି-ଅପେକ୍ଷାର ଫଳ ମିଠା। ହେଲେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାର ଅଛି। ଦେଖୁନାହାନ୍ତି ଫିଲ୍ମର ଶୁଟିଂ ଆରମ୍ଭ ହୋଇନାହିଁ, ହେଲେ ତାହାର ସଫଳତା ପାଇଁ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି ବାଣୀ କପୁର। କଥା କ'ଣ କି ନିକଟରେ ବାଣୀ ସାଇନ୍ କରିଥିବା ନୂଆ ସିନେମାରେ ଦର୍ଶକ ତାଙ୍କୁ ଡବଲ ରୋଲ୍‌ରେ ଦେଖିବାକୁ ପାଇବେ। ଏ ନେଇ ବାଣୀ କହନ୍ତି, 'ଏହି ଫିଲ୍ମର କାହାଣୀ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। କାରଣ ଏହାର ଉପସ୍ଥାପନାରେ ଯେମିତି ତ୍ରୁଟି ନ ରହେ ସେଥିପାଇଁ ବିଶେଷ ଧ୍ୟାନ ଦିଆଯିବ।' ଗତ ବର୍ଷ ବାଣୀ ଅଭିନୟ କରିଥିବା 'ବେଲ୍ ବଟମ୍' ଏବଂ 'ଚଣ୍ଡୀଗଡ କରେ ଆସୀକୀ' ରିଲିଜ ହୋଇଥିଲା। ଚଳିତବର୍ଷ ତାଙ୍କ ଅଭିନୀତ 'ସମସେରା' ମୁକ୍ତିଲାଭ କରିବ। ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି କରନ୍ ମାଲହୋତ୍ରା। ବାଣୀଙ୍କ ବ୍ୟତୀତ ଏହି ଫିଲ୍ମରେ ରଣବୀର କପୁର ଏବଂ ସଞ୍ଜୟ ଦତ୍ତ ମଧ୍ୟ ଅଭିନୟ କରିଛନ୍ତି।


ବାଣୀ

# ଆକ୍ସନ ନିଶାରେ ସୋନାକ୍ଷୀ

'ଦବଙ୍ଗ' ଗର୍ଲ ସୋନାକ୍ଷୀ ସିହ୍ନାଙ୍କୁ ନେଇ ଏବେ ଚର୍ଚ୍ଚା। ୟା ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ତାଙ୍କୁ ଆକ୍ସନ ଅବତାରରେ ଦେଖିବାକୁ ମିଳିବ। ସେଥିପାଇଁ ସେ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ପୁଣି ଏଥିପାଇଁ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନସେଲ କରିବାକୁ ବାଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ ସୋନାକ୍ଷୀ କହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏଥିରେ ମୋ ଭୂମିକା ବିଷୟରେ ଜାଣିବା ପରେ ମୋର ଉତ୍ସୁକତା ବଢ଼ିଯାଇଛି। ଏଥିରେ ମୋତେ କେତୋଟି ଫାଇଟ୍ ଶଟ୍ ମଧ୍ୟ ଦେବାକୁ ପଡିବ। ତେଣୁ ଏନେଇ ମୋତେ ପ୍ରସ୍ତୁତ ହେବାକୁ ପଡୁଛି। ଜଣେ ଆକ୍ସନ ମାଷ୍ଟରଙ୍କ ଅଧୀନରେ ଫାଇଟ୍ ଅଭ୍ୟାସ କରୁଛି। ତା' ସହ ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡିକ ମଧ୍ୟ ମୋ ମନକୁ ଛୁଇଁ ପାରିଛି। ଏଭଳି ଏକ ଭୂମିକାକୁ କିପରି ତୁଲାଇବି ସେ ନେଇ ଜୋରଦାର ପ୍ରସ୍ତୁତି ଚାଲୁ ରଖିଛି। ଏହିଫିଲ୍ମରେ ଦର୍ଶକ ମୋତେ ଆକ୍ସନ ବ୍ୟତୀତ ରୋମାଣ୍ଟିକ ଭୂମିକାରେ ମଧ୍ୟ ଦେଖିବାକୁ ପାଇବେ।'


ସୋନାକ୍ଷୀ

ପ୍ରଥମ ରୋଜଗାର

# ଦରମା ଟଙ୍କାରେ ବାପାଙ୍କ ବହି ଛାପିଥିଲି



**ଅବସରପ୍ରାପ୍ତ ପ୍ରାଧ୍ୟାପିକା ତଥା ସାହିତ୍ୟିକା ଡ. ବାସନ୍ତୀ ମହାନ୍ତି ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

କେନ୍ଦ୍ରାପଡ଼ା ଜିଲା ଅନ୍ଧୁଳି ଗାଁରେ ମୋର ଜନ୍ମ। ଗାଁ ସ୍କୁଲରେ ଅଷ୍ଟମଯାଏଁ ପଢ଼ିବା ପରେ ରାୟଗଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ ନବମରୁ ଏକାଦଶଯାଏଁ ପଢ଼ିଥିଲି। କାରଣ ସେତେବେଳେ ରାୟଗଡ଼ାରେ ମୋର ବଡ଼ ଭଉଣୀ ଶିକ୍ଷକତା କରୁଥିଲେ। ତା'ପରେ ରାୟଗଡ଼ା କଲେଜରେ ଆଇ.ଏ., ବି.ଏ. ପଢ଼ିଲି ଏବଂ ତା'ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ପି.ଜି. କରିବା ସହ ଏମ୍.ଫିଲ୍. ଏବଂ ପିଏଚ୍.ଡି. କଲି। ସୁରେନ୍ଦ୍ର ମହାନ୍ତିଙ୍କ କଥା ସାହିତ୍ୟ ଏକ ଅଧ୍ୟୟନ ଉପରେ ଥେସିସ୍ ଲେଖି ୨୦୦୮ରେ ମୁଁ ଡକ୍ଟରେଟ୍ ଡିଗ୍ରୀ ହାସଲ କଲି। ତେବେ ସ୍କୁଲ୍ ପଢ଼ାବେଳୁ ଯେହେତୁ ମୋର ଗପ, କବିତା ଲେଖିବାର ଅଭ୍ୟାସ ଥିଲା, ତେଣୁ ବି.ଏ. ପାସ୍ କଲା ପରେ ମୁଁ ଏକ ଲେଖା 'ରାଧାନାଥ ଓ ଗଙ୍ଗାଧରଙ୍କ ସୃଷ୍ଟିରେ ନାରୀ' ଜୟପୁର ଆକାଶବାଣୀକୁ ପଠାଇଥିଲି। ତାହା ଚୟନ ହେବା ପରେ ମୋତେ ସେମାନେ ଲେଖାଟିକୁ ପାଠ କରିବାକୁ ଡକାଇଲେ। ନିର୍ଦ୍ଧାରିତ ଦିନ ସେଠାରେ ପହଞ୍ଚି ଲେଖାଟିକୁ ପାଠ କରିସାରିବା ପରେ ଆକାଶବାଣୀ ତରଫରୁ ମୋତେ ୧୦୭ ଟଙ୍କା ପାରିଶ୍ରମିକ ମିଳିଥିଲା ; ଯାହାକି ଥିଲା ମୋ ଜୀବନର ପ୍ରଥମ ରୋଜଗାର। ଏହି ଟଙ୍କା ମୋର ପି.ଜି. ଆଡ୍‌ମିଶନରେ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇଥିଲା। ପି.ଜି. ସରିବା ପରେ ମୋତେ ଓଡ଼ିଆ ଅଧ୍ୟାପିକା ଭାବେ ନବରଙ୍ଗପୁରର ଡାବୁଗାଁସ୍ଥିତ ଭୈରବ କଲେଜରେ ପୋଷ୍ଟିଂ ମିଳିଲା। ଏହି କଲେଜରୁ ହିଁ ମୋର ଅଧ୍ୟାପିକା ଜୀବନ ଆରମ୍ଭ ହୋଇଥିଲା ଆଉ ଏଠାରେ ଶେଷ ହୋଇଥିଲା। ଅର୍ଥାତ୍ ଅଧ୍ୟାପିକା ହୋଇ ୧୯୮୭ରେ ମୁଁ ଭୈରବ କଲେଜରେ ଜଏନ୍ କରିଥିଲି ଏବଂ ୨୦୨୦ରେ ହିଁ ଏଠାରୁ ପ୍ରାଧ୍ୟାପିକା ଭାବେ ଅବସର ନେଲି। ଚାକିରି କରିବାର ବେଶ୍ କିଛି ଦିନ ପର୍ଯ୍ୟନ୍ତ ମୋର ଦରମା ଖୁବ୍ କମ୍ ଥିଲା। ତଥାପି ତାରି ଭିତରେ ଘର ପାଇଁ ମଝିରେ ମଝିରେ କିଛି ଟଙ୍କା ପଠାଇବା ସହ ସାନ ଭାଇ ଭଉଣୀମାନଙ୍କ ପାଠପଢ଼ାରେ ମଧ୍ୟ କିଛି ଖର୍ଚ୍ଚ କରୁଥିଲି। ମୋ ବାପା ବାଉରୀବନ୍ଧୁ ମହାନ୍ତି ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ। ସେ କବିତା, ପ୍ରବନ୍ଧ ତଥା ସମାଜ ସଚେତନତାମୂଳକ ଲେଖା ଖୁବ୍ ଲେଖୁଥିଲେ। ସବୁବେଳେ ସେ କିଛି ନା କିଛି ଲେଖୁଥିଲେ। ବହି ଛପାଇବାକୁ ତାଙ୍କର ବହୁତ ଇଚ୍ଛା ଥିଲା। ଯିଏ ବି ପଚାରୁଥିଲା ସେ ତାକୁ କହୁଥିଲେ, ମୋର ଅଧ୍ୟାପିକା ଝିଅ ବାସନ୍ତୀ ମୋ ଲେଖା ସବୁକୁ ଛାପିବ। ଶେଷରେ ସେୟା ହିଁ ହେଲା। କଲେଜ ଅନୁଦାନ ପାଇବା ପରେ ମୋର ପ୍ରଥମ ଏରିଅର୍ ପଇସାରେ ବାପାଙ୍କର କିଛି କବିତାକୁ ନେଇ 'କ୍ରାନ୍ତିକଳ୍ପ' ଶୀର୍ଷକରେ ଏକ କବିତା ସଂକଳନଟିଏ ମୁଁ ଛପାଇଥିଲି। ଏହା ହିଁ ଥିଲା ମୋ ଦରମା ପଇସାର ସର୍ବଶ୍ରେଷ୍ଠ ସଦୁପଯୋଗ। ବାପା ତାଙ୍କର ହାତଲେଖା କବିତାଗୁଡ଼ିକୁ ବହି ଆକାରରେ ଦେଖି ଖୁବ୍ ଖୁସି ହୋଇଥିଲେ ଆଉ ମୁଁ ବି ଆନନ୍ଦରେ ଆତ୍ମହରା ହୋଇଥିଲି। ବାପାଙ୍କର ସେହି ସୃଜନଶୀଳତା ହୁଏତ ମୋ ଭିତରେ ବି ଥିଲା। ସେଥିପାଇଁ ମୁଁ ମଧ୍ୟ ଅନେକ କବିତା, ଗପ, ପ୍ରବନ୍ଧ, ଉପନ୍ୟାସ, ସାହିତ୍ୟ ଆଲୋଚନା, ଅନୁବାଦମୂଳକ ଲେଖା ଲେଖିଚାଲିଲି। ଏପରିକି ୟା'ଭିତରେ ମୋ ଲିଖିତ ୩୦ ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇ ପାଠିକାପାଠକଙ୍କର ହୃଦୟ ଜିଣିବାରେ ସକ୍ଷମ ମଧ୍ୟ ହୋଇସାରିଛି। ତା' ସହିତ ଜୟପୁର ଆକାଶବାଣୀ ସଙ୍ଗେ ଆଜିଯାଏଁ ଜଡ଼ିତ ରହି ଅନେକ ଆଲୋଚନାଚକ୍ରରେ ଭାଗ ନେଇ ଶ୍ରୋତାଙ୍କର ମନ ବି ଜିଣିପାରିଛି। କିନ୍ତୁ ବାପାଙ୍କ ବହି ଛାପିବାରେ ମୁଁ ଯେଉଁ ଆନନ୍ଦ ପାଇଛି ସେ ଆନନ୍ଦ ଆଉ କେଉଁଥିରେ ବି ଆଜିଯାଏଁ ମୁଁ ଖୋଜି ପାଇନି।

*-ଅନ୍ୱିତା*

# ପ୍ରେମିକା ହୋଇଥାଉ ପଛେ ବାନ୍ଦେରୀ, ପ୍ରେମିକ ପାଇଁ ସିଏ ସୁନ୍ଦରୀ

ସାଥୀ

**ପ୍ରଶ୍ନ—**ଅସୁନ୍ଦରୀ ଝିଅକୁ କ'ଣ ପ୍ରେମ କରିବା ମନା ? ମୋ ପ୍ରେମିକା ଦେଖିବାକୁ ସୁନ୍ଦର ନୁହେଁ। ମୋର ଜଣେ ସାଙ୍ଗ କହୁଛି ଯେ, ତାକୁ ଛାଡି ନୂଆ ପ୍ରେମିକାଟିଏ ଖୋଜିବାକୁ। କ'ଣ କରିବି ?

*-ସୁଶାନ୍ତ କୁମାର ଦାସ, ଯାଜପୁର*

**ଉତ୍ତର:** ପ୍ରେମିକା ଯେତେ ଅସୁନ୍ଦରୀ ହୋଇଥାଉ ପଛକେ, ହେଲେ ପ୍ରେମିକ ପାଇଁ ସେ ଦିବ୍ୟ ସୁନ୍ଦରୀ। କାରଣ ପ୍ରେମ ରୂପରେ ନିହିତ ନ ଥାଏ। ମନରେ ମନ ମିଶିଲେ ହିଁ ପ୍ରେମର ସୃଷ୍ଟି ହୁଏ। 'ପ୍ରେମିକା ହୋଇଥାଉ ପଛେ ବାନ୍ଦେରୀ, ପ୍ରେମିକ ପାଇଁ ସିଏ ସୁନ୍ଦରୀ'। ତେଣୁ ଯାହାକୁ ମନ ଦେଇଛନ୍ତି ଏବେ ଉଣା କଲେ କ'ଣ ହେବ ? କାହା କଥାରେ ପଡି ମନର ମାନସୀକୁ ଯଦି ସାଇଡ୍ କରି ନୂଆ ଚ୍ୟାନେଲକୁ ଆପଣେଇ ନିଅନ୍ତି, ସେତେବେଳେ ନିଜର ମନ ବୁଝିବ ତ ? ପ୍ରେମରେ ମନ ଯେଉଁଠି ଥରେ ମାନିଯାଏ ତାକୁ ଭୁଲିବା କେତେ କଷ୍ଟକର କେବଳ ଅନୁଭବୀ ହିଁ ଜାଣେ।

**ପ୍ରଶ୍ନ—**ପ୍ରେମ କିପରି ଆରମ୍ଭ ହୁଏ ତାହା କହିବେ କି ସାଥୀ ?

*-ଅଜିତ, କଟକ*

**ଉତ୍ତର:** ପ୍ରେମର ଆରମ୍ଭ କେମିତି ହୁଏ ତାହା ତର୍ଜମା କଲେ କଥାଟି ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିବ। ଗୋଟିଏ କଥା, ପ୍ରେମ କରିବା ପୂର୍ବରୁ ମନ ପ୍ରଥମେ ପରିଷ୍କାର ରଖନ୍ତୁ। ଯାହାକୁ ମନ ତାକୁ ପ୍ରପୋଜ କଲେ ଯେ ଆପଣଙ୍କର ମନସ୍କାମନା ପୂରଣ ହେବ ତାହା ଭାବିବା ଠିକ୍ ନୁହେଁ। ତେଣୁ ଏପରି ମନ ସହ ମନ ଫିଟ୍ କରନ୍ତୁ, ଯେମିତି ତାହା ଲାଇଫ ଲଙ୍ଗ ଯୋଡି ହୋଇ ରହିବ।

**ପ୍ରଶ୍ନ—**ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲି ସେ ମୋତେ ଭୁଲ ବୁଝିଲା। ପୁଣି ଅଧା ବାଟରେ ହାତ ଛାଡି ଚାଲିଗଲା। କ'ଣ କରିବି ?

*-ତାପସ କୁମାର, ଖୋର୍ଦ୍ଧା*

**ଉତ୍ତର:** ଯାହା ଉପରେ ଶତ ପ୍ରତିଶତ ଭରସା ରଖି ଆପଣ ପ୍ରେମର ନାଆକୁ ଆଗେଇ ନେଉଥିଲେ ତାହା ଅଧା ବାଟରେ ଦିଗହରା ହୋଇଯାଇଛି। ଏବେ ସେ ପ୍ରେମ ନାହିଁ କି ପ୍ରେମିକା ନାହିଁ। ତେଣୁ ସେପରି ପ୍ରେମର ଦ ଏଣ୍ଡ ହୋଇଯାଇଛି ବୋଲି ଧରି ନେଲେ କ୍ଷତି କ'ଣ ? ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଯଦି ପୁଣି ଥରେ କାହାକୁ ଯଦି ମନର ମାନସୀ ଭାବରେ ଚଏସ କରୁଛନ୍ତି ତେବେ ସେହି ସମୟରେ ହାତେ ମାପି ଚାଖଣ୍ଡେ ଚାଲନ୍ତୁ। ହେଲେ ନୂଆ ପ୍ରେମ ସୁରୁ କରିବା ପୂର୍ବରୁ ପୁରୁଣା ପ୍ରେମକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ନ ହେଲେ ମନ ଭିତରେ ଦୁକୁ ଦୁକୁ ହୋଇ ଜଳୁଥିବା ସେହି ପ୍ରେମର ନିଆଁ ହୁଏତ ଦିନେ ଆପଣଙ୍କ ନୂଆ ପ୍ରେମକୁ ପୋଡି ଛାରଖାର କରିଦେଇପାରେ।

**ପ୍ରଶ୍ନ—**ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଯାହା ଅନୁମାନ କରୁଛି ସେ ମୋତେ ପ୍ରେମର ଇସାରା ଦେଉଛି। ହେଲେ ତାକୁ କେମିତି ଆପଣେଇ ନେବି ଜାଣିପାରୁନି। କ'ଣ କରିବି ?


*-ପ୍ରଶାନ୍ତ, ରାଉରକେଲା*

**ଉତ୍ତର:** କଥାଟା ଯଦି ଏତେବାଟ ଆଗେଇ ଗଲାଣି ତେବେ ବିଳମ୍ବ କଲେ କିଛି ଲାଭ ନାହିଁ। କାରଣ ଏହି କଥାକୁ ନେଇ ଯେତେ ଭାବିବେ ଆପଣଙ୍କ ମନରେ ସେତିକି ନୂଆ ପ୍ରଶ୍ନ ସୃଷ୍ଟି ହେବ। ତେଣୁ ଶୁଭସ୍ୟ ଶୀଘ୍ରମ। ବିଳମ୍ବ କଲେ ହୁଏତ ଚାନ୍ସ ହାତରୁ ଖସି ଯାଇପାରେ। ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। କାରଣ ଅନେକ ସମୟରେ ଇସାରାରୁ ପ୍ରେମର ସୃଷ୍ଟି ହୋଇଥାଏ। ଯଦି ତାହାକୁ ଦେଖି ଜାଣିପାରୁଛନ୍ତି ଯେ ସେପଟୁ ଗ୍ରୀନ୍ ସିଗନାଲ ରହିଛି, ତେବେ ବାସ୍, ସେହି ମନର ମାନସୀକୁ ନିଜ ମନର ସ୍ୱତନ୍ତ୍ର କୋଣରେ ରଖି ଦିଅନ୍ତୁ।

**ପ୍ରଶ୍ନ—**ମୋତେ ଯିଏ ପ୍ରେମ କରୁଛି, ସେ ମୋତେ ବ୍ଲାକମେଲିଂ କରିବା ଭଳି ଲାଗୁଛି। ତାକୁ ମନରୁ କେମିତି ଆଉଟ୍ କରିବି ସେ ନେଇ ମୋତେ କିଛି ଉପାୟ ବତାଇବେ କି ସାଥୀ ?

*-ପ୍ରବୋଧ ମଲ୍ଲ, ନୂଆପଡା*

**ଉତ୍ତର:**ପ୍ରେମରେ ଯେତେବେଳେ ମନରେ ସନ୍ଦେହର ବାଦଲ ଭାସିବୁଲେ ସେତେବେଳେ ପାଣିପାଗ ବିଗିଡିବା ଆରମ୍ଭ କରେ। ଆରମ୍ଭରୁ ମିଠା ଲାଗୁଥିବା ପ୍ରେମର ସ୍ୱାଦ ଚାହୁଁ ଚାହୁଁ ପିତା ଲାଗେ। ସେପରି ପ୍ରେମକୁ ଭରସା କରି ଆଗେଇଲେ ତାହା ମରିଚିକା ପଛରେ ଦଉଡିବା ଭଳି ହୋଇଥାଏ। ତେଣୁ ଯଦି ଜାଣୁଛନ୍ତି ଯେ ସେହି ପ୍ରେମିକା ଆପଣଙ୍କୁ ବ୍ଲାକମେଲିଂ କରିବା ଆରମ୍ଭ କଲାଣି ତେବେ ତାହାର ଜଲଦି କିଛି ବ୍ୟବସ୍ଥା କରନ୍ତୁ। ନ ହେଲେ ନେଡି ଗୁଡ କହୁଣୀକୁ ବୋହି ଗଲେ କେବଳ ଅନୁତାପ କରିବା ହିଁ ସାର।







# ହ୍ୟାଟ୍ ଫ୍ୟାଶନ








**ଖରାଦିନେ ସୂର୍ଯ୍ୟଙ୍କ ଉତ୍ତାପରୁ ରକ୍ଷାପାଇବା ପାଇଁ ଅନେକେ ମୁଣ୍ଡରେ ହ୍ୟାଟ୍ (ଟୋପି) ବ୍ୟବହାର କରିଥାଆନ୍ତି। ଟୋପି କେବଳ ଖରାରୁ ସୁରକ୍ଷା ଦେଇଥାଏ ତାହା ନୁହେଁ, ଏହା ଆମକୁ ଟ୍ରେଣ୍ଡି ଲୁକ୍ ବି ପ୍ରଦାନ କରିଥାଏ। ସେଥିପାଇଁ ମାର୍କେଟ୍‌ରେ ଏହାର ଅନେକ ଭେରାଇଟି ଦେଖିବାକୁ ମିଳିଥାଏ। ତା’ହେଲେ ଆସନ୍ତୁ ଜାଣିବା ସେମିତି କେତୋଟି ଷ୍ଟାଇଲିଶ୍ ସମର୍ ହ୍ୟାଟ୍ ସମ୍ପର୍କରେ...**

✲ **ଷ୍ଟାଇଲିଶ୍ ବକେଟ୍ ହ୍ୟାଟ୍:** ଏହି ଧରଣର ହ୍ୟାଟ୍‌କୁ ଖରାଦିନେ ପିନ୍ଧିଲେ ବେଶ୍ ଆରାମଦାୟକ ଲାଗିଥାଏ। ଖାସ୍ କରି ଗରମ ଦିନେ ପ୍ରିଣ୍ଟେଡ୍ ୱାଇଡ୍ ଲେଗ୍ ପ୍ୟାଣ୍ଟ ଓ ବେସିକ୍ ଟ୍ୟାଙ୍କ ଟପ୍ ସହ ଏହି ଷ୍ଟାଇଲିଶ୍ ବକେଟ୍ ହ୍ୟାଟ୍‌କୁ ପ୍ରେୟାର୍ କଲେ ଟିକେ ଡିଫରେଣ୍ଟ ଲୁକ୍ ମିଳିଥାଏ।

✲ **କ୍ଲାସିକ୍ ୱାଇଡ୍ ବ୍ରିମ୍ ହ୍ୟାଟ୍:** ଏହି ଷ୍ଟାଇଲ୍‌ର ହ୍ୟାଟ୍ ସବୁ ପ୍ରକାରର ଆଉଟ୍‌ଫିଟ୍ ସହ ବେଶ୍ ଭଲ ମାନିଥାଏ। ଖାସ୍ କରି କ୍ଲାସିକ୍ ଟି-ଶାର୍ଟ ହେଉ ଅବା ବ୍ରାଇଟ୍ କଲର୍‌ର ଯେ କୌଣସି ଡ୍ରେସ୍ ସହ ମ୍ୟାଚିଂ କରି ଏହି ହ୍ୟାଟ୍ ପିନ୍ଧିଲେ ଲୁକ୍ ଖୁବ୍ ଆକର୍ଷଣୀୟ ଦେଖାଯାଇଥାଏ।

✲ **କ୍ଲାସିକ୍ ଷ୍ଟ୍ର ହ୍ୟାଟ୍:** ଗରମ ଦିନେ ସାଦାସିଧା ଷ୍ଟାଇଲ୍‌ର ଡେନିମ୍ ପ୍ୟାଣ୍ଟ ଓ ଟି-ଶାର୍ଟ ସହ ଏହି କ୍ଲାସିକ୍ ଷ୍ଟ୍ର ହ୍ୟାଟ୍‌କୁ ମ୍ୟାଚିଂ କରି ପିନ୍ଧିଲେ ମଡର୍ନ ଲୁକ୍ ମିଳିଥାଏ। ଯଦି ଆପଣଙ୍କର ବୁଲ୍‌ବୁଲି ଲୁକ୍ ପସନ୍ଦ, ତା’ହେଲେ ଏ କ୍ଷେତ୍ରରେ ଆପଣ ଆଙ୍କେଲ୍ ଲେଙ୍ଗ୍‌ଥ ସ୍କର୍ଟ ଓ ଟପ୍ସ ହେଉ ଅବା ଯେ କୌଣସି ଆଙ୍କେଲ୍ ଲେଙ୍ଗ୍‌ଥ ଡ୍ରେସ୍ ସହ ଏହି ଷ୍ଟାଇଲ୍‌ର ହ୍ୟାଟ୍‌କୁ ଆରାମରେ କ୍ୟାରି କରିପାରିବେ।

✲ **ଫିଶରମ୍ୟାନ୍ ହ୍ୟାଟ୍:** ଖରାଦିନେ କୁଲ୍ ଲୁକ୍ ପାଇବାକୁ ଇଚ୍ଛା କରୁଥିଲେ, ଏହି ହ୍ୟାଟ୍ ଆପଣଙ୍କ ପାଇଁ ଏକ ବେଷ୍ଟ ଅପ୍ସନ ହୋଇପାରିବ। ଖାସ୍‌କରି ଗ୍ରାଫିକ୍ ପ୍ରିଣ୍ଟେଡ୍ ଟି-ଶାର୍ଟ ଓ ଟ୍ରାକ୍ ପ୍ୟାଣ୍ଟ ସହ ଏହି ଷ୍ଟାଇଲ୍‌ର ହ୍ୟାଟ୍‌କୁ ପେୟାର୍ କରି ପିନ୍ଧିଲେ ଅତି ସହଜରେ କୁଲ୍ ଲୁକ୍ ପାଇହେବ। ଅନ୍ୟପକ୍ଷେ ଡେନିମ୍ ଜିନ୍ସ ଓ କ୍ରପ୍ ଟପ୍ସ ସହ ବି ଫିଶରମ୍ୟାନ୍ ହ୍ୟାଟ୍ ବେଶ୍ ଭଲ ମ୍ୟାଚ୍ କରିଥାଏ।

✲ **ଫେଲ୍ଟ ହ୍ୟାଟ୍:** ଯୁବତୀମାନେ ଚାହିଁଲେ ନିଜ ପସନ୍ଦ ମୁତାବକ ଯେ କୌଣସି ସମର୍ ଆଉଟ୍‌ଫିଟ୍ ସହ ଏହି ଷ୍ଟାଇଲ୍‌ର ହ୍ୟାଟ୍‌କୁ ଆରାମରେ କ୍ୟାରି କରି କ୍ଲାସି ଆଉ କୁଲ୍ ଲୁକ୍ ପାଇପାରିବେ।

✲ **ଫେଡୋରା ହ୍ୟାଟ୍:** ଏହି ହ୍ୟାଟ୍ ବି ଯୁବତୀଙ୍କୁ କୁଲ୍ ଲୁକ୍ ଦେଇଥାଏ। ସବୁଠୁ ବଡ଼ କଥା ହେଉଛି, ଏହି ଷ୍ଟାଇଲ୍‌ର ହ୍ୟାଟ୍‌କୁ ଉଭୟ ପୁରୁଷ ଓ ମହିଳା ଆରାମରେ ବ୍ୟବହାର କରିପାରିବେ। ସେହିପରି ଯେ କୌଣସି ଆଉଟ୍‌ଫିଟ୍ ସହ ଏହି ହ୍ୟାଟ୍ ବେଶ୍ ଭଲ ମ୍ୟାଚ୍ ମଧ୍ୟ କରିଥାଏ।

✲ **ଫ୍ଲପି ଆଣ୍ଡ ଷ୍ଟ୍ରାଇପ୍ସ ହ୍ୟାଟ୍:** ଏହି ହ୍ୟାଟ୍‌ରେ ଷ୍ଟ୍ରାଇପ୍ ପ୍ରିଣ୍ଟ ରହୁଥିବାରୁ ଏହା ଦେଖିବାକୁ ଖୁବ୍ ଟ୍ରେଣ୍ଡି ଲାଗିଥାଏ। ତା’ଛଡ଼ା ଏହି ହ୍ୟାଟ୍‌ର ବ୍ରିମ୍ ବା ଚତୁଃପାର୍ଶ୍ୱର ଚଉଡ଼ା ଟିକେ ଅଧିକ ରହୁଥିବାରୁ ସୂର୍ଯ୍ୟକିରଣରୁ ଏହା ମୁହଁକୁ ବେଶ୍ ଭଲ ସୁରକ୍ଷା ପ୍ରଦାନ କରିଥାଏ।

✲ **ଫ୍ଲୋରାଲ୍ ପ୍ରିଣ୍ଟ ହ୍ୟାଟ୍:** ଫ୍ଲୋରାଲ୍ ପ୍ରିଣ୍ଟର ଆଉଟ୍‌ଫିଟ୍ ଖରାଦିନେ ରିଫ୍ରେଶିଂ ଲୁକ୍ ଦେଇଥାଏ। ସେହିପରି ଫ୍ଲୋରାଲ୍ ପ୍ରିଣ୍ଟ ହ୍ୟାଟ୍ ବି ଖରାଦିନ ପାଇଁ ଏକ ବେଷ୍ଟ ଅପ୍ସନ ହୋଇପାରେ। ଆପଣ ଚାହିଁଲେ ଫ୍ଲୋରାଲ୍ ପ୍ରିଣ୍ଟର ଯେ କୌଣସି ଆଉଟ୍‌ଫିଟ୍ ସହ ଏହି ଧରଣର ହ୍ୟାଟ୍‌କୁ ଟ୍ରାଏ କରି ଫ୍ରେଶ୍ ଲୁକ୍ ପାଇପାରିବେ।

✲ **ଜିପ୍ ପକେଟ୍ ହ୍ୟାଟ୍:** ଏହି ହ୍ୟାଟ୍ ଖରାଦାଉରୁ ରକ୍ଷା କରିବା ସହ ଏଥିରେ ଜିପ୍ ବା ଚେନ୍ ଲାଗିଥିବାରୁ ଆପଣ ଚାହିଁଲେ ଏଥିରେ କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷ ମଧ୍ୟ ରଖିପାରିବେ।









ସୁଧୀର୍

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ସ୍କୋର୍

ଗୋଟିଏ ଦୋକାନରେ ଲୋକ କ୍ରିକେଟ୍ ଦେଖିବାକୁ ଭିଡ ଜମେଇ ଥାଆନ୍ତି। ଜଣେ ଯୁବତୀ ସେଠାକୁ ଯାଇ ଜଣେ ଯୁବକଙ୍କୁ– ସ୍କୋର କେତେ ହେଲା ?

ଯୁବକ– ଆଇ ଲଭ୍ ୟୁ ଟୁ....

ଯୁବତୀ–ହ୍ୱାଟ୍ ନନ୍‌ସେନ୍ସ...

ଯୁବକ– ମୋ କହିବାର ଅର୍ଥ ହେଉଛି, ୧୪୩ ରନରେ ୨ ୱିକେଟ।

### ରୋଜଗାର

ରାଜୁ ଝିଅର ବାପାଙ୍କ ପାଖକୁ ଯାଇ– ମୁଁ ଆପଣଙ୍କ ଝିଅକୁ ବହୁତ ଭଲ ପାଉଛି। ତାକୁ ବାହା ହେବାକୁ ଚାହୁଁଛି।


ଝିଅର ବାପା– ତୁ ପୁଣି ମୋ ଝିଅକୁ ବାହା ହେବୁ। ତୋ ରୋଜଗାର ଯେତିକି ସେତିକିରେ ପରା ତୁ ମୋ ଝିଅକୁ ଟୟଲେଟ୍ ପେପର୍ ଯୋଗେଇ ପାରିବୁନି।

ରାଜୁ– ଇସ୍....। ଆପଣଙ୍କ ଝିଅ ଏତେ ଥର ଝାଡା ଯାଉଛି। ଥାଉ ବାବା ମୋର ତମ ଝିଅକୁ ବାହା ହେବାର ନାହିଁ।


### ଚାଇନିଜ ପଡୋଶୀ

ମୋହନର ହାତ ଗୋଡ ଭାଙ୍ଗି ଯାଇଥିବା ଦେଖି ରାଜେଶ– ତୋର ଏମିତି ଅବସ୍ଥା କେମିତି ହେଲା ?

ମୋହନ– ଆମ ପଡୋଶୀ ଯିଏ ଚାଇନା ଝିଅ ବାହା ହେଇଥିଲେ, କାଲି ତାଙ୍କ ଘରୁ କାନ୍ଦ ଶୁଭିଲା। ମୁଁ ଯାଇ ଦେଖିଲି ତାଙ୍କ ସ୍ତ୍ରୀ ମରି ଯାଇଛନ୍ତି। ତାଙ୍କୁ ବୁଝେଇବାକୁ ଯାଇ କହିଲି– ବର୍ଷେ ପର୍ଯ୍ୟନ୍ତ ତ ଆପଣଙ୍କ ସ୍ତ୍ରୀ ଆପଣଙ୍କ ସହ ରହିଲେ। ସେଇଟା ବଡ଼ କଥା। ନ ହେଲେ ଚାଇନା ମାଲ୍‌ର ତ ଭରସା ନ ଥାଏ। ଏତିକି କହିଛି ପଡୋଶୀ ଆରମ୍ଭ କରିଦେଲେ ମାଡ ବର୍ଷା।



# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ନାରକଣ୍ଡା





**ନାରକଣ୍ଡା ହିମାଚଳ ପ୍ରଦେଶସ୍ଥିତ ଏକ ଛୋଟ ସହର; ଯାହା ନିଜର ଆକର୍ଷଣୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ସ୍କିଂ ପଏଣ୍ଟ ପାଇଁ ସାରା ଭାରତରେ ବେଶ୍ ପ୍ରସିଦ୍ଧିଲାଭ କରିପାରିଛି। ସମୁଦ୍ର ପତ୍ତନଠାରୁ ପ୍ରାୟ ୨, ୭୦୮ ମିଟର ଉଚ୍ଚତାରେ ଅବସ୍ଥିତ ନାରକଣ୍ଡାରେ ଭରିରହିଛି ବହୁ ଉଚ୍ଚ ପାହାଡ଼, ସବୁଜ ବନାନୀ ତଥା ଅନେକ ପର୍ଯ୍ୟଟନସ୍ଥଳୀ...**



ହିମାଚଳ ପ୍ରଦେଶର ଶିମ୍ଳା ଜିଲା ଅନ୍ତର୍ଗତ ଏକ ପାର୍ବତ୍ୟ ସହର ହେଉଛି ନାରକଣ୍ଡା। ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏହି ସହରରେ ପର୍ଯ୍ୟଟକ ବହୁ ଉଚ୍ଚ ପାହାଡ଼, ସବୁଜ ବନାନୀ ଦେଖିବା ସାଙ୍ଗକୁ ସ୍କିଂ ତଥା ଟ୍ରେକିଂର ମଜା ମଧ୍ୟ ନେଇପାରିବେ। କେବଳ ସେତିକି ନୁହେଁ ଏଠାକାର ରାସ୍ତାଘାଟର ଉଭୟ ପାର୍ଶ୍ୱରେ ଜାତିଜାତିକା ବୃକ୍ଷ ବିଶେଷକରି ଦେବଦାରୁ, ଚେରି, ସେଓ ତଥା ନାନାଦି ରଙ୍ଗର ଫୁଲର ସମ୍ଭାର ଦେଖିବାକୁ ମିଳିଥାଏ। ଏଥିସହିତ କୋଟଗଡ଼ ଏବଂ ଥାନେଧାର ହେଉଛି ନାରକଣ୍ଡାସ୍ଥିତ ଏମିତି ଦୁଇଟି ସ୍ଥାନ ; ଯେଉଁଠାରେ ମୁଖ୍ୟତଃ ସେଓ ଚାଷ କରାଯାଇଥାଏ। ଖାସ୍ ଏହିସବୁ କାରଣ ପାଇଁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳେ।

## ଜଳବାୟୁ

ନାରକଣ୍ଡାର ଜଳବାୟୁ ବର୍ଷସାରା ବୁଲାବୁଲି କରିବା ପାଇଁ ବେଶ୍ ଅନୁକୂଳ ରହୁଥିଲେ ବି ଏଠାରେ ଏପ୍ରିଲ୍‌ରୁ ଜୁନ୍ ଗ୍ରୀଷ୍ମ, ଜୁଲାଇରୁ ସେପ୍ଟେମ୍ବର ବର୍ଷା ଏବଂ ଅକ୍ଟୋବରରୁ ମାର୍ଚ୍ଚ ଶୀତ ଋତୁ ଅନୁଭୂତ ହୋଇଥାଏ। ଗ୍ରୀଷ୍ମଦିନେ ଏଠାକାର ସର୍ବୋଚ୍ଚ ତାପମାତ୍ରା ୨୦ଡିଗ୍ରୀ ସେଲ୍‌ସିୟସ୍ ରହୁଥିବା ବେଳେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୧୦ ଡିଗ୍ରୀ ସେଲ୍‌ସିୟସ୍ ରହିଥାଏ। ଅନ୍ୟପକ୍ଷେ ଶୀତଦିନେ ଏଠାକାର ସର୍ବୋଚ୍ଚ ତାପମାତ୍ରା ୭ରୁ ୮ ଡିଗ୍ରୀ ସେଲ୍‌ସିୟସ୍ ରହୁଥିବା ବେଳେ ସମୟେ ସମୟେ ତାପମାତ୍ରା କମିଯାଇ −୫ରୁ −୧୦ ଡିଗ୍ରୀ ମଧ୍ୟ ହୋଇଯାଇଥାଏ। କହିବାକୁ ଗଲେ ଶୀତଦିନେ ଏଠାକାର ଚାରିଆଡ଼େ ବରଫର ଚାଦର ଘୋଡ଼େଇ ହେଲାଭଳି ଦେଖାଯାଇଥାଏ।

## କ'ଣ ଦେଖିବେ

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି:


* **ହାଟୁ ଶିଖର:** ନାରକଣ୍ଡାଠାରୁ ମାତ୍ର ୮ କି.ମି. ଦୂରରେ ରହିଛି ଏହି ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଏଠାରେ ପର୍ଯ୍ୟଟକ ହାଟୁ ମାତାଙ୍କ ମନ୍ଦିର ଦେଖିବା ସହ ଶୀତଦିନେ ସ୍କିଂର ଭରପୂର ମଜା ନେଇପାରିବେ।
* **ଭୀମ୍‌କା ଚୁଲା:** କିମ୍ବଦନ୍ତୀ ଅନୁଯାୟୀ, ଅଜ୍ଞାତବାସ ସମୟରେ ପଞ୍ଚୁ ପାଣ୍ଡବ କୁଆଡ଼େ ଏହି ସ୍ଥାନରେ କିଛିଦିନ ବିତାଇବା ସହ ରୋଷେଇ କରି ଖାଇଥିଲେ। ଏହି ପବିତ୍ର ସ୍ଥାନଟି ହାଟୁ ମାତାଙ୍କ ମନ୍ଦିରଠାରୁ ମାତ୍ର ଅଳ୍ପ କିଛି ଦୂରରେ ଥିବାର ଦେଖାଯାଇଥାଏ।
* **କୁମାରସୈନ:** ନାରକଣ୍ଡାଠାରୁ ମାତ୍ର ୨୦ କି.ମି. ଦୂରରେ ରହିଛି ଏହି ସ୍ଥାନଟି। ଏଠାରେ ପର୍ଯ୍ୟଟକ ପାହାଡ଼ ଉପରେ କେମିତି ସୁନ୍ଦର ସୁନ୍ଦର ଘର ଆଦି ତିଆରି କରାଯାଇଛି ; ତାହାର ଅନେକ ଝଲକ ଦେଖିବାକୁ ପାଇପାରିବେ।
* **ନାରକଣ୍ଡା ବଜାର:** ନାରକଣ୍ଡାର ଏହି ବଜାରରେ ପର୍ଯ୍ୟଟକ ସୁଲଭ ମୂଲ୍ୟରେ ଶୀତବସ୍ତ୍ର କିଣିବାର ସୁଯୋଗ ପାଇପାରିବେ।

## ବୁଲିବାର ପ୍ରକୃଷ୍ଟ ସମୟ

ଏଠାକାର ଜଳବାୟୁକୁ ଲକ୍ଷ୍ୟକଲେ ଜଣାଯାଏ ଯେ, ଖରାଦିନେ ଏଠାକୁ ବୁଲିଯିବା ସବୁଠାରୁ ଉତ୍ତମ ହୋଇଥାଏ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ନା ବେଶି ଗରମ ହେଉଥାଏ ନା ଶୀତ। କିନ୍ତୁ ଯେଉଁମାନଙ୍କର ସ୍କିଂ କରିବା ପସନ୍ଦ ସେମାନେ ଚାହିଁଲେ ଶୀତଦିନେ ଏଠାକୁ ବୁଲିଯାଇ ପାରବେ।

## କେମିତି ଯିବେ

ଶିମ୍ଳାଠାରୁ ମାତ୍ର ୬୦ କି.ମି. ଦୂରରେ ଅବସ୍ଥିତ ନାରକଣ୍ଡା। ଶିମ୍ଳା ରେଲ୍‌ୱେ ଷ୍ଟେଶନ ହେଉଛି ନାରକଣ୍ଡାର ନିକଟତମ ମୁଖ୍ୟ ରେଳଷ୍ଟେଶନ। ସେହିପରି ଶିମ୍ଳା ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର। ଏହାଛଡ଼ା ନାରକଣ୍ଡାକୁ ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ନାରକଣ୍ଡାରେ ପହଞ୍ଚି ପାରିବେ।





# ଲୋକେ ଖାଉଛନ୍ତି ବାସନମଜା ସ୍ପଞ୍ଜ!

ଅନେକ ଲୋକ ଅଛନ୍ତି ଯେଉଁମାନେ କି କିଛି ଅଜବ ଜିନିଷ ଖାଇବାର ସଉକ ରଖିଥାନ୍ତି । ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏବେ ତାଇୱାନରେ ଏକ ଅଜବ ଜିନିଷକୁ ଖାଇବା ଲାଗି ପ୍ରାୟ ସମସ୍ତେ ପସନ୍ଦ କରୁଛନ୍ତି । ଆଉ ସେହି ଅଜବ ଜିନିଷଟି ହେଉଛି ବାସନ ମାଜିବା ଲାଗି ବ୍ୟବହାର ହେଉଥିବା ହଳଦିଆ ସବୁଜ ରଙ୍ଗର ସ୍ପଞ୍ଜ । ତାଇୱାନରେ ଏହାର ଚାହିଦା ଏବେ ବଢ଼ିବାରେ ଲାଗିଛି । ଏହାକୁ ଖାଉଥିବା ଦେଖି ଯେକେହି ବି ଚକିତ ହୋଇଯାଆନ୍ତି । ତେବେ ପରେ ଯେତେବେଳେ ପ୍ରକୃତ କଥା ଜାଣନ୍ତି ନ ହସି ରହିପାରନ୍ତି ନାହିଁ । କାରଣ ବାସନମଜା ସ୍ପଞ୍ଜ ପରି ଦେଖାଯାଉଥିବା ଏହି ଜିନିଷଟି ହେଉଛି ଏକ ସ୍ୱାଦିଷ୍ଟ ସ୍ପଞ୍ଜ କେକ୍ । ଏହି କେକ୍ ତିନି ଲେୟର ବିଶିଷ୍ଟ ଅଟେ । ଏହାର ସବୁଜ ଅଂଶକୁ ତିଆରି କରିବା ଲାଗି କେକ୍ ନିର୍ମାତାମାନେ ଆଖୁର ପତ୍ର ବ୍ୟବହାର କରନ୍ତି । ଏଥିରେ କୌଣସି ପ୍ରକାରର କୃତ୍ରିମ ରଙ୍ଗର ବ୍ୟବହାର ହୋଇ ନାହିଁ । ତେଣୁ ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକର ।







## କାର୍ଟୁନ କର୍ନର





## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ

# ଭଗବାନ ତୁସି ଗ୍ରେଟ୍ ହୋ



ଏଇ କିଛିଦିନ ତଳର କଥା । ସନ୍ଧ୍ୟାରେ ଧର୍ମପତ୍ନୀଙ୍କ ସାଙ୍ଗରେ ଝଗଡ଼ା । ଝଗଡ଼ାଟା ମୋର ଦେହସୁହା କଥା । କାରଣ ତାଙ୍କ ଅଭିଯୋଗର ତାଲିକା ଏତେ ଲମ୍ବା ଯେ ତାକୁ ପୂରା କରୁ କରୁ ଦାମ୍ପତ୍ୟର ଗୋଟିଏ ଜନ୍ମର ବାରଅଣା ଜୀବନ ସରିଗଲାଣି । ଆହୁରି  ଛଅ ଜନ୍ମ ପାଇଁ ଧୈର୍ଯ୍ୟ ନାହିଁ । ଅଭିଯୋଗ ଆରମ୍ଭ ହୁଏ ଘର କାମରୁ । ସବୁବେଳେ ତାଙ୍କର ଅଭିଯୋଗ ଥାଏ ଯେ, ସେ କାଳେ ମୋ ସଂସାର ସମ୍ଭାଳୁ ସମ୍ଭାଳୁ ତାଙ୍କର ଦିନକାଳ ଗଲା । ନିଜ ପାଇଁ ତାଙ୍କୁ ସମୟ ମିଳୁନି । ବାହା ପୂର୍ବରୁ ଭଲ ବର ପାଇଁ କେତେ ଶିବ ପୂଜିଥିଲେ । ସ୍ୱପ୍ନ ବି ଦେଖିଥିଲେ କାଳେ ଶିବ ତାଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ତଥାସ୍ତୁ କରୁଛନ୍ତି ।  କେଉଁ ରାଜକୁମାର ସହ ବାହାହୋଇ ପୋଇଲି ପରିବେଷ୍ଟିତ ହୋଇ ପଲଙ୍କ ସେବା ପାଉଛନ୍ତି । ଏସବୁ ଶୁଣି ମୁଁ ରାଗରେ ତାଙ୍କୁ କହିଦିଏ , 'ଶିବଙ୍କୁ ପୂଜିବ ତୁମେ ଆଉ ଦୋଷ ମୋର ! କେଉଁ ପୁରାଣରେ ଲେଖାଅଛି କି ଶିବ ତାଙ୍କ ଭକ୍ତ ପାଇଁ ଯୋଗସୂତ୍ର କମ୍ପାନୀର ମଧ୍ୟସ୍ଥ କାମ କରିଛନ୍ତି ? ତୁମେ ଭୁଲ୍ ଦେବତାଙ୍କୁ ପୂଜା କରିବ ଏପଟେ ମୋତେ ନିନ୍ଦିବ । ଶୁଣ ମୁଁ ମୋ ମା'ର ରାଜକୁମାର । ସିଏ ବି ମୋ ବାହାଘର ପାଇଁ କେଉଁ ରାଜକୁମାରୀକୁ ବୋହୂ ରୂପରେ ଚାହୁଁଥିଲା । ବୋଧେ ତୁମ ଭଳି ଭୁଲ୍ ଦେବତାଙ୍କ ପାଖେ ଭୋଗ ଲଗେଇଛି ତେଣୁ ତୁମେ ମିଳିଛ । 'ଭୁଲ୍ ' ଭଳି ଶବ୍ଦ କି କାମ ଠାକୁରଙ୍କ ପାଖରେ ନାହିଁ । ଭୁଲ୍ ସବୁ ତୁମମାନଙ୍କ ପାଖରେ । କାଷ୍ଠା କରି କେଉଁ ବ୍ରତ ତୁମେ କରିଛ ଭଲା କହିଲ ? ସାବିତ୍ରୀ ଓଷା ହେଉ କି ଦ୍ୱିତୀୟା ଓଷା ହେଉ । ସନ୍ତୋଷୀ ମା' ପୂଜା ହେଉ କି କୁମାର ପୂର୍ଣ୍ଣିମାର ଚାନ୍ଦ ପୂଜା ସବୁଥିରେ ତୁମ୍ଭମାନଙ୍କର ସ୍ୱାର୍ଥ ଥାଏ । ପୁରାଣମାନେ ସାକ୍ଷୀ ଅଛନ୍ତି ସ୍ୱାମୀଙ୍କ ଦୀର୍ଘାୟୁ ପାଇଁ ହେଉ କି ପୁଅ ପାଇଁ ହେଉ, ଧନ ପାଇଁ ହେଉ କି ଭଲ ବର ପାଇଁ ହେଉ ସବୁ ଉପାସ ବ୍ରତ ପଛରେ ନିଶ୍ଚେ କିଛି ସ୍ୱାର୍ଥ ତୁମ୍ଭମାନଙ୍କ  ଥିବ । ଠାକୁର କ'ଣ ଏତେ ବୋକା ? ସେ ସବୁ ବୁଝନ୍ତି । ସେଇଥିପାଇଁ ବଡ଼ଠାକୁର ତାଙ୍କ ପ୍ରଥମ ସେବକର ଅଧିକାର ଗଜପତି ରାଜାଙ୍କୁ ଦେଇଛନ୍ତି । ରାଣୀ ତ ଦୂର ଦୂର ପର୍ଯ୍ୟନ୍ତ ମାନଚିତ୍ରରେ ନାହାନ୍ତି । ମୁଁ ବି ଏମିତି ସମୟରେ ଭାବେ ରାଜା ମହାରାଜା ହୁଅନ୍ତୁ କି ଦେବତା ହୁଅନ୍ତୁ ସେମାନେ ସମସ୍ତେ ପତ୍ନୀ ପ୍ରପୀଡ଼ିତ ଥିଲେ । ସେଇଥିପାଇଁ ସେମାନେ ଏକରୁ ଅଧିକ ବାହା ହେଉଥିଲେ । ଗୋଟିଏ ରାଣୀ ସହ ଝଗଡ଼ା ହେଲେ ଆର ରାଣୀ ପାଖକୁ ଚାଲିଯାଉଥିଲେ । କିନ୍ତୁ ହାୟ ଆମ ଭଳି ଦୁଃସ୍ଥ ପତିମାନଙ୍କର ସେତକ ସୁଯୋଗ ନାହିଁ । ଦ୍ୱିତୀୟ ରାଣୀ କେବଳ ଆମ ସ୍ୱପ୍ନରେ ଆସନ୍ତି ଏବଂ ପ୍ରଥମ ତଥା ଶେଷ ପାଟରାଣୀ ସେ ସ୍ୱପ୍ନର ଧଜିଆ ଉଡ଼େଇବାକୁ ତାଙ୍କ ଜନ୍ମସିଦ୍ଧ ଅଧିକାର ଭାବି ସେ ସ୍ୱପ୍ନ ପୂରା ହେବାକୁ ଦିଅନ୍ତି ନାହିଁ । ନିଜେ କରିବେନି କି କାହାକୁ କରେଇ ଦେବେନି ।  ସେଦିନ ରାତିରେ ମୁଁ ଗୋଟିଏ ଦ୍ୱିତୀୟ ରାଣୀର ସ୍ୱପ୍ନ ଦେଖୁଥିଲି । କ'ଣ ହେଲା କେଜାଣି କିଛି ସମୟ ପରେ ଦେଖିଲି ମୋ ହାତ ଗୋଡ଼ ବନ୍ଧା ହୋଇଛି ଓ ଦୁଇଜଣ ଯାକ ରାଣୀ ମୋତେ ଗାଳିମନ୍ଦ କରି ଝାଡୁ, ପିଠାପାଡିଆରେ ଗୋଡ଼କୁ, ହାତକୁ , ପିଠିକୁ ଉତ୍ତମ ମଧ୍ୟମ ଦେଉଛନ୍ତି । ସେହି ଦରଜରେ  ନିଦ ଭାଙ୍ଗିଗଲା । ଶହେ ରାଣୀଙ୍କ ପତି ସେଇ ରାଜା ଓ ଦେବତାଙ୍କୁ ହାତଯୋଡି ନମସ୍କାର କଲି । ସତରେ କି ଧୈର୍ଯ୍ୟ ଓ ମୋଟା ଚମଡ଼ା ହେଇ ନ ଥିବ ସେମାନଙ୍କର ! ମୁଁ ଜଣେ ପତ୍ନୀଙ୍କ ପୀଡ଼ା ସହି ପାରୁନି ସେମାନେ କେମିତି ଶହେ ପତ୍ନୀଙ୍କ ପୀଡ଼ା ସହୁଥିବେ କେଜାଣି ! ଧନ୍ୟ ସେମାନେ । ସେଇଥିପାଇଁ ତ ସେମାନେ ଦେବତା । ସର୍ବତ୍ର ପୂଜା ପାଉଛନ୍ତି । ସକାଳୁ ପତ୍ନୀ ସେମିତି ଗାଲେଇ ବାସିଶେଯରେ ଶୋଇଥାନ୍ତି । ଚେଇଁ ଶୋଇବ ଯିଏ ତାକୁ ଉଠେଇବ କିଏ ?  ମୁଁ ତାଙ୍କୁ କିଛି ନ କହି ନିଜେ  କିଛି ଘର ଦାୟିତ୍ୱ ସମ୍ଭାଳିବା ପାଇଁ ଚିନ୍ତା କରି ଚାଲିଲି ପୁଅର ଶୋଇବା ଘରକୁ । ପ୍ରଥମେ ଗେଲରେ ଡାକିଲି,' ଧନ ଉଠୁ ସ୍କୁଲ ଯିବୁ । ଡେରି ହେଲାଣି ।' କିଛି ପ୍ରତିକ୍ରିୟା ନାହିଁ । ତା' ପରେ ଆଉ ଟିକେ ପ୍ରେମରେ ଡାକିଲି, ସେ  ଏବେ ଭିଡ଼ିମୋଡ଼ି ହେଲା । ତା' ପରେ ଗୋଟେ ଧଡାସ ଥାପଡ଼ ଖଟବାଡ଼ାକୁ ଦେଲି । ବାସ୍ ଗୋଟିଏ ଥାପଡ଼ର ଗୁଞ୍ଜରଣ ଏତେ ପ୍ରଭାବୀ ଥିଲା ଯେ ସେପଟେ ଚେଇଁ ଶୋଇଥିବା ପୁଅର ମାମା ସିଧା ଉଠି ଖଟରେ ବସିଗଲେ । ଏପଟେ ଧନ ଉଠି ଆଖି ମଳୁଥିଲା । ଧନକୁ କହିଲି ଯଦି ଭାବୁଥିବୁ ତୋତେ ଟେକି ଟେକି ନେଇ ମୁଁ ଦାନ୍ତ ଘଷେଇବି, ଗାଧେଇ ଦେବି, ଡ୍ରେସ୍ ପିନ୍ଧେଇ ଦେବି ତେବେ ଭାବେ ଯେ ତୁ ଏଯାଏ ନିଦରେ ଅଛୁ । ଗୋଟିଏ ଦିନ ଦାନ୍ତ ନ ଘଷିଲେ କିଛି ଗୋଟାଏ ଅଶୁଦ୍ଧି ହେଇଯିବନି । ଶୀଘ୍ର ଡ୍ରେସ୍ ପିନ୍ଧି ବାହାରେ । ସେପଟେ ମାତାଶ୍ରୀ ତାଙ୍କର କିଛି ପ୍ରତିକ୍ରିୟା ନ ରଖି ସେମିତି ସବୁ ଦେଖୁଥାନ୍ତି । ମୁଁ ଫ୍ରିଜ୍‌ରୁ କିଛି ବ୍ରେଡ୍ ଜାମ ଆଣି ଟିଫିନ ବାକ୍ସରେ ରଖିଲି । ପୁଅକୁ ଡ୍ରେସ୍ ପିନ୍ଧିବାରେ ସାହାଯ୍ୟ କଲି । ତା' ମୁଣ୍ଡ କୁଣ୍ଡେଇଦେଲି । ସ୍କୁଲ ବ୍ୟାଗ୍ ସଜାଡ଼ିଲି । ତା'ପରେ ଗଡ଼ ଜିଣିଲା ଭଳି ବୀର ଦର୍ପରେ ଧନକୁ ମାନେ ପୁଅକୁ ଧରି ସ୍କୁଲରେ ଛାଡ଼ିବାକୁ ବାହାରିଲି । ସେପଟୁ ପତ୍ନୀ ପଛରୁ ଡାକିଲେ । ମୋତେ ଏଇ ପଛରୁ ଡାକିବା ଆଦୌ ଭଲ ଲାଗେନି ସେ ଜାଣନ୍ତି । ବିରକ୍ତ ହୋଇ କହିଲି, 'ତୁମ ସାହାଯ୍ୟ ବିନା ମୁଁ ଏସବୁ କାମ କରିପାରେ ।' ମୋ କଥା ଶୁଣି ପତ୍ନୀ କହିଲେ , 'ତୁମ କଥା କିଏ ପଚାରୁଛି । ମୁଁ ଧନକୁ କହୁଥିଲି ତା'ର ଆଜି ସ୍କୁଲ ଯିବା ଦରକାର ନାହିଁ । ଆଜି ରବିବାର ।' କିହୋ କି ଅଜବ ଲୋକ ! ଯଦି ଜାଣିଛ ଆଜି ରବିବାର ତା'ହେଲେ ମୁଁ ଧନକୁ ସ୍କୁଲ ପାଇଁ ତିଆରି କରୁଥିବା ବେଳେ ଚୁପ କାହିଁକି ବସିଥିଲ ? ରାଗ ତମ ତମ ହୋଇ ସାହି ମୁଣ୍ଡ ପାନଦୋକାନ ପାଖରେ ଆସି ଚାହା ପିଉଛି  ଆଉ ମନେ ମନେ ଭଗବାନଙ୍କୁ ଗାଳି କଲି । ସୌନ୍ଦର୍ଯ୍ୟ ସହ ଯଦି ଅର୍ଦ୍ଧାଙ୍ଗିନୀଙ୍କୁ ଆମର ବୁଦ୍ଧି  ଦେଇଦେଇଥାନ୍ତ ତେବେ କ'ଣ ଶାସ୍ତ୍ର ଅଶୁଦ୍ଧି ହେଇଯାଇଥାନ୍ତା ! ଅନ୍ତତଃ ମର୍ତ୍ତ୍ୟରେ ବିଚରା ପତିଟି ହେଲେ ଟିକେ ପତ୍ନୀଙ୍କଠାରୁ ବୁଦ୍ଧି ଧାର ନେଇ ଚଳି ଯାଇଥାନ୍ତା । ଏମିତିରେ ପତିମାନେ ଜନ୍ମରୁ ନିର୍ବୁଦ୍ଧିଆ ବୋଲି ସବୁ ପତ୍ନୀଙ୍କ ଧାରଣା । ମୁଁ ବାଦ୍ ପଡ଼ନ୍ତି କୁଆଡୁ !

ଏତିକିବେଳେ ଚା'ଦୋକାନ କଡ଼ ବରଗଛରୁ ଗୋଟେ ବର ଫଳ ମୁଣ୍ଡରେ ପଡ଼ିଲା । ନିଉଟନଙ୍କ ମୁଣ୍ଡରେ ସେଓ ପଡିଲା ପରେ ଯେମିତି ନିଉଟନଙ୍କ ଜ୍ଞାନ ଉଦୟ ହେଲେ ସେମିତି ମୋ ମୁଣ୍ଡ ଉପରେ ବରଫଳ ପଡ଼ିଲା ପରେ ମୁଁ ହଠାତ୍ ଦାର୍ଶନିକ ଭଳି ଭାବିଲି । ଭଗବାନଙ୍କ ଉଦ୍ଦେଶ୍ୟରେ ଦଣ୍ଡବତ ପକେଇ ଆକାଶକୁ ଅନେଇ କହିଲି ସତରେ ଭଗବାନ ଆପଣଙ୍କ ଲୀଳା ଅପାର । ଏଡ଼େ ବଡ଼ ଗଛରେ ଏତିକି ଟିକେ ଫଳ ଦେଇଛ ବୋଲି ଆଜି ଜୀବନ ରହିଲା । ଯଦି ଏଡ଼େ ବଡ଼ ବିଶାଳ ଗଛକୁ ତରଭୁଜ ଭଳି ଫଳ ଦେଇଥାନ୍ତ ଆଜି କି ମୁଁ ଆଉ ଥା'ନ୍ତି !  ଯଦି ପତ୍ନୀଙ୍କୁ  ମୋର ବୁଦ୍ଧି ଓ ସୌନ୍ଦର୍ଯ୍ୟ ଉଭୟ ଦେଇଥାନ୍ତ ତେବେ ଆଜି ସେ କ'ଣ ସୂର୍ଯ୍ୟ ଚନ୍ଦ୍ର ଆଉ ମାନିଥାନ୍ତେ ! ଭସ୍ମାସୁର ଭଳି ତୁମକୁ ଛାଡି ନ ଥାନ୍ତେ । ଦାମ୍ପତ୍ୟରେ ସମତୁଲ ପାଇଁ ତୁମେ ବୁଦ୍ଧି ଓ ସୌନ୍ଦର୍ଯ୍ୟ ଅଲଗା ଅଲଗା ବାଣ୍ଟିଛ । ଭଗବାନ ତୁସି ଗ୍ରେଟ୍ ହୋ ।

*–ବନମାଳୀ ଭବନ, ଖାନ୍ ନଗର, କଟକ*

*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ମୁଠାଏ ପ୍ରତିଶ୍ରୁତି

**ଲେଖିକା– ଭାନୁମତୀ ସାହୁ**

**ପ୍ରକାଶକ–ବ୍ଲାକ ଇଗଲ ବୁକ୍ସ, ୟୁଏସ୍ଏ**

**ମୂଲ୍ୟ –୧୯୦ଟଙ୍କା**

ମୁଠାଏ ପ୍ରତିଶ୍ରୁତି ଭାନୁମତୀ ସାହୁଙ୍କ ଗଳ୍ପ ସଂକଳନ । ଏଥିରେ ୨୨ଟି ଗପ ସ୍ଥାନୀତ ହୋଇଛି । ପ୍ରଥମ ଗପ ଅନୁସାରେ ବହିର ନାମକରଣ କରାଯାଇଛି । ନାରୀମାନଙ୍କୁ ଯେଉଁ ଦୁଃଖ କଷ୍ଟ ସହିବାକୁ ପଡୁଛି ସେ କଥା ଲେଖିକା କ୍ଷୋଭର ସହ ପ୍ରଥମ ଗପରେ କହିଛନ୍ତି । ନାରୀ କେଉଁଠି ହସୁଛି ତ କେଉଁଠି କାନ୍ଦୁଛି । ସମାଜ ଆଖିରେ କିଛି ଦୃଷ୍ଟି ଓ ଅଦୃଷ୍ଟ ହୋଇ ଚାଲିଛି । ପିଲାଛୁଆ ଘର ସଂସାର ଭିତରେ ଘାଣ୍ଟି ଚକଟି ହୋଇ ନାରୀଟିଏ ସମୟର ପାହାଚରେ  ଏକ ମାଇଲି ଖୁଣ୍ଟ  ହୋଇଯାଇଛି । ତଥାପି ବଞ୍ଚିଛି...... । ଆହୁରି ଲେଖିକା କହୁଛନ୍ତି–ବାହାହେବା ପରେ ଜଣେ କନ୍ୟା ବୋହୂ ହୋଇ ଶାଶୁ ଘରେ ପାଦ ଥାପିଲା ପରେ ତା'ର ଦୋଷ ତ୍ରୁଟି ବାଛିବାରେ ଶାଶୁଘର ସଦସ୍ୟ ବ୍ୟସ୍ତ । ସେଠି ତା'ର ବୟସ ଆଉ ଶିକ୍ଷାକୁ ମପାଯାଏନି । ସୁନାକୁ କଷଟି ପଥରରେ ପରଖିବା ପରି ତା'ର ଚାଲିଚଳଣ ଠାରୁ ଘରର ଜାବତୀୟ କର୍ମ ଉପରେ ଦୃଷ୍ଟି ରଖାଯାଏ । ଏଥିରେ ଯେଉଁ ଗପ ପଢାଯିବ ତାହା ପ୍ରତିଦିନ ଘଟୁଥିବା ଘଟଣାର ଗୋଟିଏ ଗୋଟିଏ ଚିତ୍ର । ତେଣୁ ଗପଗୁଡିକ ସୁଖପାଠ୍ୟ ନିଶ୍ଚୟ ।




### ରାଜ କିଶୋର ପାଢୀଙ୍କ ବଛା ବଛା କବିତା

**ସମ୍ପାଦନା–ମହେଶ୍ୱର ପାଢୀ**

**ପ୍ରକାଶକ–କସ୍ତୁରୀ, ଯାଜପୁର**

**ମୂଲ୍ୟ– ୨୦୫ଟଙ୍କା**

ରାଜ କିଶୋର ପାଢୀଙ୍କ ବଛା ବଛା କବିତା ପୁସ୍ତକକୁ ସମ୍ପାଦନା କରିଛନ୍ତି ମହେଶ୍ୱର ପାଢୀ । କବିତାଗୁଡିକ ପଢିଲେ ଗତାନୁଗତିକ ନିୟମକାନୁନ୍, ପ୍ରେମଭାବ ଓ ଜୀବନ ଜୀଇଁବାର ବିଶୁଦ୍ଧପଣ ବାରି ହୋଇପଡେ । ପାପ, ପୂଣ୍ୟ, ପ୍ରେମ, ପ୍ରତାରଣା, ସ୍ୱର୍ଗ ଓ ନର୍କର ଗତାନୁଗତିକ ଧାରାଠାରୁ ତାଙ୍କ କାବ୍ୟିକ ଚିନ୍ତନଟି ବେଶ୍ ଅଲଗା ଓ ନିଆରା । କବିତାଗୁଡିକରେ ଅଛି ଜୀବନକୁ ବୁଝିବାର ହାଲକା ପଣ । ମାପଚୂପ ଶବ୍ଦ ପ୍ରୟୋଗ ଓ ଗାଉଁଲି ବୋଧଗମ୍ୟ ଭାଷା ତାଙ୍କ କବିତାଗୁଡିକୁ ପରିପୁଷ୍ଟ କରିଛି । କବିତାର ପ୍ରତି ଛତ୍ରେଛତ୍ରେ ସାଧାରଣ ମଣିଷର ଜୀବନ ଚିତ୍ର ତା'ର ପ୍ରେମ ପଣ ରାଗ ରୁଷା ଓ ଅଭିମାନ ଆଦିର ଚିତ୍ରକୁ ଦେଖି ହେବ । ଦେଖି ହେବ ଭୋଗବାଦୀ ମଣିଷର ଅହଂକାରୀତାକୁ । ଶେଷରେ ଏତିକି କୁହାଯାଇ ପାରେ କବିଙ୍କ କବିତାର ସ୍ୱର ଶାଣିତ ଓ ରସଗ୍ରାହୀ । ଏହା ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।



### ଦୃଷ୍ଟିରୁ ଦିଗନ୍ତ

**ଲେଖକ –ସତ୍ୟନାରାୟଣ ସାମନ୍ତରାୟ**

**ପ୍ରକାଶକ– କିତାବ ଭବନ, ଭୁବନେଶ୍ୱର**

**ମୂଲ୍ୟ–୧୫୦ଟଙ୍କା**

ଦୃଷ୍ଟିରୁ ଦିଗନ୍ତ ସତ୍ୟନାରାୟଣ ସାମନ୍ତରାୟଙ୍କ ପ୍ରବନ୍ଧ ପୁସ୍ତକ । ଏଥିରେ ୪୨ଟି ପ୍ରବନ୍ଧ ସ୍ଥାନ ପାଇଛି । ପୁସ୍ତକର ପ୍ରଥମ ପ୍ରବନ୍ଧ ହେଉଛି ଘଣ୍ଟା କରେ ଟିକ୍ ଟିକ୍ । ଏଥିରେ ଲେଖକ କ୍ଷୋଭର ସହିତ 'କି'ବହି ଧରି ଯେଉଁ ପିଲାମାନେ ପଢୁଛନ୍ତି ସେ ବିଷୟରେ  ଆଲୋଚନା କରିଛନ୍ତି । ମନର ସୂକ୍ଷ୍ମ ଅବବୋଧ ହେଉଛି ଶିକ୍ଷାର ମୂଳଭିତ୍ତି । ତେବେ ଯାଇ ପିଲାର ଚେତନା ଗତିଶୀଳ ହୁଏ । ସେଥିରେ ପ୍ରବାହ ସୃଷ୍ଟି ହୁଏ । ସେ ଆତ୍ମ ମଗ୍ନ ହୁଏ । ଆତ୍ମ ପ୍ରବଣ ହୁଏ ଓ ଆତ୍ମ ବିଭୋର ମଧ୍ୟ ହୁଏ । ଲେଖକଙ୍କର ଏହା କହିବାର ହେତୁ ହେଲା ଶିକ୍ଷାର ମଧ୍ୟ ଟିକ୍ ଟିକ୍ ଶବ୍ଦ ଥାଏ । ସେ ଶବ୍ଦକୁ ଶୁଣିବାର କଳା ପ୍ରଥମେ ଶିକ୍ଷକଟିଏ ଆପଣେଇବା ଦରକାର । ଏଥିପାଇଁ ଧୈର୍ଯ୍ୟ, ସ୍ଥିରତା ଆବଶ୍ୟକତା ରହିଛି । ନ ଚେତ୍ 'କି' ବହିର କୋଳାହଳ ଭିତରେ ଶିକ୍ଷା କେବଳ ଟିକ୍‌ଟିକ୍ କରୁଥିବ ଓ ତାର ଶବ୍ଦ କେହି ଶୁଣିପାରୁ ନ ଥିବେ । ଶିକ୍ଷା ପ୍ରତି ଏ ଯେଉଁ ସଚେତନତା ତାହା ଲେଖକଙ୍କ ପ୍ରବନ୍ଧରୁ ଅନୁମେୟ । ସେହିଭଳି ପୁସ୍ତକରେ ଅନେକ ପ୍ରବନ୍ଧ ଅଛି ଯାହା ଉଚ୍ଚକୋଟିର ଓ ଶିକ୍ଷଣିୟ ।






# ବେୱଫା ଚାୟୱାଲା

ପ୍ରେମରେ ଧୋକା ଖାଇବା ପରେ ଅନେକ ସମୟରେ ପ୍ରେମିକ ଓ ପ୍ରେମିକା ଭୁଲ ପଦକ୍ଷେପ ନେଇ ଯାଆନ୍ତି। ଦୁଃଖରେ ଭାଙ୍ଗିପଡି କାମଦାମରେ ମନ ଦିଅନ୍ତି ନାହିଁ। ହେଲେ ବିହାର ନେୱାଡାର ମଣ୍ଟୋନ କୁମାର ନାମକ ଜଣେ ପ୍ରେମିକ ଧୋକା ଖାଇବା ପରେ ଏମିତି ଏକ କାମ କରିଛନ୍ତି ଯାହା ଅନେକଙ୍କୁ ଚକିତ କରୁଛି। କାରଣ ସେ ଖୋଲିଛନ୍ତି ଏକ ଚା' ଦୋକାନ, ଯାହାର ନାଁ ଦେଇଛନ୍ତି 'ବେୱଫା ଚାୟୱାଲା'। ନିଜର ଏହି ଛୋଟିଆ ଚା' ଦେକାନରେ ସେ ସଫଳ ପ୍ରେମୀ ଯୋଡାଙ୍କୁ ମାଗଣାରେ ଚା' ପିଆନ୍ତି। ମଣ୍ଟୋନ କୁମାର କୁହନ୍ତି, ମୁଁ ଜଣେ ଝିଅକୁ ବହୁତ ଭଲ ପାଉଥିଲି। ହେଲେ ବି ଫାର୍ମା କରି ମଧ୍ୟ ବେରୋଜଗାର ଥିବାରୁ ସେ ମତେ ଛାଡି ଦେଇ ଚାଲିଗଲା। ଫଳରେ ୬ ମାସ ପର୍ଯ୍ୟନ୍ତ ଅବସାଦଗ୍ରସ୍ତ ହୋଇ ରହିଲି। କିନ୍ତୁ ପରେ ନିଷ୍ପତ୍ତି ନେଲି ଏମିତି ଉପାୟରେ ରୋଜଗାର କରିବି, ଯେମିତିକି ସମସ୍ତେ ମୋ ବିଫଳ ପ୍ରେମ କାହାଣୀ ସମ୍ପର୍କରେ ଜାଣିପାରିବେ। ତେଣୁ ଗାନ୍ଧୀ ସ୍କୁଲ ପାର୍ଶ୍ୱରେ ଏଇ ଚା' ଦୋକାନଟି ଖୋଲିଲି।' ମଣ୍ଟୋନ ନିଜ ଚା' ଦୋକାନରେ ଅନେକ ଶାୟରୀ ପୋଷ୍ଟର ବି ଲଗାଇଛନ୍ତି। ଫଳରେ ପ୍ରେମରେ ଧୋକା ଖାଇଥିବା ପ୍ରେମିକ ପ୍ରେମିକା ଏସବୁକୁ ପଢି ମନକୁ ଟିକେ ହାଲ୍କା କରିଥାନ୍ତି।



ବ୍ୟାକ୍ ପେଜ୍




# ଦେବୀଙ୍କ ଦର୍ଶନ ପାଇଁ ପୁରୁଷ ସାଜନ୍ତି ମହିଳା

ଆମ ଦେଶରେ ରହିଛି ଅନେକ ଦେବୀଦେବତାଙ୍କ ମନ୍ଦିର। ଆଉ ଏହି ମନ୍ଦିରଗୁଡିକର ପ୍ରଥା, ପରମ୍ପରା ବି ଭିନ୍ନ ଭିନ୍ନ ହୋଇଥାଏ। କେଉଁଠି ମହିଳାଙ୍କୁ ତ ଆଉ କେଉଁଠି ପୁରୁଷଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାରେ ଥାଏ ପ୍ରତିବନ୍ଧକ। ତାସହ ଆହୁରି ଅନେକ ଅଜବ ରୀତିନୀତି ଥିବା ମନ୍ଦିର ବି ରହିଛି। ସେମିତି ଏକ ମନ୍ଦିର କେରଳର କୋଲ୍ଲମ ଜିଲ୍ଲାରେ ଅଛି। ଯେଉଁଠି ପୁରୁଷମାନେ ମନ୍ଦିରରେ ପୂଜା ପାଉଥିବା ଦେବୀ ମା'ଙ୍କ ଦର୍ଶନ ପାଇବା ଲାଗି ନାରୀଙ୍କ ପରି ଶୃଙ୍ଗାର ହେବାକୁ ପଡେ। କେବଳ ସେତିକି ନୁହେଁ ନାରୀଙ୍କ ପୋଷାକ ବି ପିନ୍ଧିବାକୁ ହୁଏ। ମନ୍ଦିରଟିର ନାମ ହେଉଛି କୋଟଂକୁଲଂଗାର ଶ୍ରୀ ଦେବୀ ମନ୍ଦିର। ଏହି ମନ୍ଦିରରେ ପ୍ରତିବର୍ଷ 'ଚମୟାବୁଲକ୍କୁ' ନାମକ ଉତ୍ସବ ପାଳିତ ହୁଏ। ଉକ୍ତ ଉତ୍ସବ ସମୟରେ ପୁରୁଷମାନେ କେବଳ ନାରୀ ରୂପ ଧାରଣ କଲେ ହିଁ ମା'ଙ୍କ ଦର୍ଶନ ଲାଭ କରିପାରନ୍ତି। ଆଉ ମା'ଙ୍କୁ ପୂଜା କରିପାରନ୍ତି। ତେଣୁ ଏହିଦିନ ହଜାର ହଜାର ସଂଖ୍ୟାରେ ପୁରୁଷ ଭକ୍ତ ନାରୀଙ୍କ ପରି ଶୃଙ୍ଗାର କରିବା ସହ ଶାଢି ଓ ଗହଣା ପିନ୍ଧନ୍ତି। ମନ୍ଦିର ପରିସରରେ ପରିବାର ସଦସ୍ୟ ଅବା ମେକ୍‌ଅପ୍ ଆର୍ଟିଷ୍ଟ ପୁରୁଷମାନଙ୍କୁ ନାରୀ ବେଶରେ ସଜାଇଥାନ୍ତି। ପୂଜା କରିବାବେଳେ ଏହି ପୁରୁଷମାନେ ୫ଟି ବତି ଥିବା ଦୀପ ହାତରେ ରଖି ଜାଳନ୍ତି। ବିଶ୍ୱାସ କରାଯାଏ ଯେ, ପୁରୁଷମାନେ ନାରୀ ବେଶ ଧାରଣ କରି ପୂଜା କଲେ ଚାକିରି ମିଳିଥାଏ, ଧନ ପ୍ରାପ୍ତି ହୁଏ ଓ ଯାହାବି ମନୋସ୍କାମନା ଥାଏ ତାହା ପୂରଣ ହୁଏ। ଏଭଳି ପରମ୍ପରା ପଛରେ ସ୍ଥାନୀୟ ଏକ ଲୋକ ବିଶ୍ୱାସ ବି ରହିଛି। କୁହାଯାଏ ଥରେ କିଛି ଗାଈ ଚରାଳୀଙ୍କୁ ଏକ ନଡିଆ ମିଳିଥିଲା। ତାକୁ ଖାଇବା ଲାଗି ସେମାନେ ଏକ ପଥରେ ନଡିଆଟିକୁ ପିଟିଥିଲେ। ଆଉ ଦେଖିବାକୁ ପାଇଲେ ନଡିଆ ବାଡେଇବାରୁ ସେହି ପଥରରୁ ରକ୍ତ ବାହାରିଲା। ଏଥିରେ ଡରିଯାଇ ସେମାନେ ଏ ସମ୍ପର୍କରେ ଗାଁ ଲୋକଙ୍କୁ ଜଣାଇଥିଲେ। ସ୍ଥାନୀୟ ଅଧିବାସୀ ଜ୍ୟୋତିଷଙ୍କ ସହ ପରାମର୍ଶ କରିବା ପରେ ଜ୍ୟୋତିଷ କହିଲେ ସେହି ପଥରରେ ବନଦୁର୍ଗାଙ୍କ ଅଲୌକିକ ଶକ୍ତି ନିହିତ ଅଛି। ସେଥିପାଇଁ ସେଠାରେ ମନ୍ଦିର ନିର୍ମାଣ କରି ପୂଜାର୍ଚ୍ଚନା ଆରମ୍ଭ କରାଗଲା। ମନ୍ଦିର ନିର୍ମାଣ ପରେ କେବଳ ମହିଳାଙ୍କୁ ଏହି ମନ୍ଦିରରେ ପୂଜା କରିବାର ଅନୁମତି ଦିଆଗଲା। କିନ୍ତୁ ଥରେ ଏକ ଗାଈ ଚରାଳୀ ନାରୀ ବେଶ ଧାରଣ କରି ମନ୍ଦିରରେ ପ୍ରବେଶ କରି ମା'ଙ୍କର ପୂଜାର୍ଚ୍ଚନା କରିଥିଲେ। କୁହାଯାଏ ସେବେଠାରୁ ହିଁ ପୁରୁଷମାନେ ନାରୀ ବେଶ ଧାରଣ କରି ମା'ଙ୍କୁ ପୂଜା କରିବା ପରମ୍ପରା ଆରମ୍ଭ ହୋଇଛି।







# ପିନ୍ଧିବେ ଏସି

ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ଖରା ଲାଗି ଅନେକ ସମୟରେ ଘରୁ ବାହାରିବାକୁ ଇଛା ହୁଏନା। କାରଣ ବାହାରର ଗରମ ଝାଞ୍ଜି ପବନ ଓ ଝାଳ ପାଇଁ ଭାରି ଅସ୍ତବ୍ୟସ୍ତ ଲାଗେ। ଆଉ ଏମିତିରେ ଯେତେବେଳେ ବାହାରିବାକୁ ପଡେ ଅନେକଙ୍କ ମନକୁ ଆସିଥାଏ ଏଭଳି ଏକ ଏସି(ଏୟାର କଣ୍ଡିସନର୍) ଥାଆନ୍ତା କି ଯାହା ଆମ ସହ ଯାଇପାରୁଥାନ୍ତା। ଆଉ ଏଇ ଭାବନାକୁ ବାସ୍ତବରେ ପରିଣତ କରିଛି ମାଟ୍ୟୁରା ପ୍ରୋ ନାମକ କମ୍ପାନୀ। ଉକ୍ତ କମ୍ପାନୀ ପ୍ରଥମକରି ଏଭଳି ଏସି ତିଆରି କରିଛି, ଯାହାକୁ ଜଣେ ନିଜ ବେକରେ ଟାଙ୍ଗି ଯେଉଁଆଡେ ବି ଯାଇପାରିବେ। ଏହା ହେଉଛି ପୃଥିବୀର ପ୍ରଥମ ପୋର୍ଟେବଲ ଏୟାର କଣ୍ଡିଶନର୍। ଏହାକୁ ବେକରେ ପକାଇଲେ ଥଣ୍ଡା ଥଣ୍ଡା ପବନ ବାହାରି ବେଶ୍ ଥଣ୍ଡା ଅନୁଭୂତ କରାଇବ। ଏହାକୁ ଉଭୟ ଫ୍ୟାନ୍ ଓ କୁଲିଂ ମୋଡରେ ବ୍ୟବହାର କରିହେବ। କୁଲିଂ ମୋଡରେ ୧୮ ଡିଗ୍ରି ଫାରେନହାଇଟ୍ ପର୍ଯ୍ୟନ୍ତ ଥଣ୍ଡା ପବନ ଦିଏ। ଏହି ଡିଭାଇସକୁ ଚଳାଇବା ଲାଗି ଏକ ଆପ୍ ରହିଛି, ଯାହାଦ୍ୱାରା ପବନକୁ ନିୟନ୍ତ୍ରଣ କରିହେବ। ଉକ୍ତ ୱେରେବଲ୍ ଏସିକୁ ଟ୍ୱିଟ ଟର୍ବୋ ପିଡବଲ୍ୟୁଏମ୍ ମୋଟର ଦ୍ୱାରା ଚଲାଯାଏ। ଏଥିରେ ଥିବା ୨୬ଟି ଛୋଟ ଛୋଟ ଫ୍ୟାନ ପିନ୍ଧିଥିବା ବ୍ୟକ୍ତିଙ୍କ ବେକ ପାଖର ଉଷ୍ମତାକୁ ଦୂର କରି ଥଣ୍ଡା ପବନ ଦେବ। ଏହା ଭିତରେ ଏକ ଭିସି ପ୍ଲେଟ୍, ଲିକ୍ୱିଡ କୁଲ୍ଡ, ହିଟ ଇକ୍ୱାଲାଇଜିଂ ମେକାନିଜିମ୍ ଅଛି। ତାସହ ୧୨୧ ଯୋଡି ସେମିକଣ୍ଡକ୍ଟର ବି ଲାଗିଛି। ଏହାର ବ୍ୟାଟେରୀ ଖୁବ୍ ଶୀଘ୍ର ଚାର୍ଜ ହେବା ସହ ଥରେ ଚାର୍ଜ ହେଲେ ୮ ଘଣ୍ଟା ବ୍ୟବହାର କରିହେବ। ଏହି ଏସିର ଓଜନ ମାତ୍ର ୪୩୫ ଗ୍ରାମ। ଆଉ ଏହା ଗରମ ତାପମାତ୍ରାକୁ ଥଣ୍ଡା କରିବାରେ ସମ୍ପୂର୍ଣ୍ଣ ସକ୍ଷମ। ଅଧିକ ଭାରି ହୋଇ ନ ଥିବାରୁ ବେକକୁ କଷ୍ଟ ବି ହେବ ନାହିଁ। ଏହାର ମୂଲ୍ୟ ୧୨୦୦୦ ଟଙ୍କା ରଖାଯାଇଛି।